READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ଉତ୍ତରାଖଣ୍ଡର ଚାମୋଲିରେ 'ଗ୍ଲାସିଅର୍' ଫାଟିବାର ଦୃଶ୍ୟ।

ବର୍ଷ-୫ ସଂଖ୍ୟା-୧୫ ୨୬ ଏପ୍ରିଲ - ୦୨ ମଇ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-15 26th APRIL - 02nd MAY, 2021 BHUBANESWAR ₹ 5/- (8 Pages)

# ତୀବ୍ର ହେବ ସଂକ୍ରମଣ, ବଢ଼ିବ ମୃତ୍ୟୁହାର

**ନୂଆଦିଲ୍ଲୀ :** ମହାମାରୀ କରୋନାର ଦ୍ରୁତ ସଂକ୍ରମଣ ଭିତରେ ଆହୁରି ଭୟଙ୍କର ଆକଳନ କରିଛନ୍ତି ବିଶେଷଜ୍ଞ। ଆମେରିକାର ବିଶେଷଜ୍ଞମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ମେ' ମାସ ମଧ୍ୟଭାଗରେ ଭାରତରେ କରୋନା ମୃତ୍ୟୁ ସବୁଠାରୁ ଅଧିକ ପିକ୍‌ରେ ରହିବ। ଏପରିକି ଦୈନିକ ୫୬୦୦ ଲୋକ ପ୍ରାଣ ହରାଇବେ। ଏବେ ଭାରତରେ ଦୈନିକ ସଂକ୍ରମଣ ୩ଲକ୍ଷ ଉପରେ ରହୁଥିବା ବେଳେ ଧୀରେ ଧୀରେ ମୃତ୍ୟୁସଂଖ୍ୟା ୨୨ଶହ ପାର କରିସାରିଛି। ଏହାକୁ ଦେଖି ଲୋକେ ଆତଙ୍କିତ ହେଉଥିବା ବେଳେ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି ବିଶେଷଜ୍ଞଙ୍କ ଆକଳନ ସତ ହୁଏ, ତା'ହେଲେ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଦେଶରେ ପ୍ରାୟ ୩ଲକ୍ଷ ଲୋକ କରୋନା ଯୋଗୁ



ପ୍ରାଣ ହରାଇବେ। ୱାଶିଂଟନ ବିଶ୍ୱବିଦ୍ୟାଳୟରେ ଥିବା ଆଇଏଚ୍‌ଏମ୍‌ଇ ପକ୍ଷରୁ 'କୋଭିଡ୍-୧୯ ଆକଳନ' ନାଁରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହାଚଳିତ ବର୍ଷ ଏପ୍ରିଲ ୧୫ ତାରିଖରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ ଭାରତର କରୋନା ସ୍ଥିତି କେତେ ଭୟଙ୍କର ହେବ ତା'ର ତଥ୍ୟ ରହିଛି। ➤ ପୃ-୬

## 'ଶେଷ ଅସ୍ତ୍ର ହେଉ ଲକ୍‌ଡାଉନ'

**ନୂଆଦିଲ୍ଲୀ :** ଦେଶରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବା ବେଳେ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟଗୁଡିକ ଲାଗୁ କରୁଥିବା ଲକ୍‌ଡାଉନ ବିରୋଧରେ ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି। ରାଜ୍ୟ ଗୁଡିକ ଲକ୍‌ଡାଉନକୁ କରୋନାର ଶେଷ ଅସ୍ତ୍ର ବା ବିକଳ୍ପ ଭାବେ ବ୍ୟବହର କରନ୍ତୁ। ଲକଡାଉନ ବଦଳରେ ମାଇକ୍ରୋ କଣ୍ଟେନମେଣ୍ଟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ସମସ୍ତେ କଟକଣା ମାନିଲେ ଲକଡାଉନର ଆବଶ୍ୟକ ପଡିବନି। ଆମକୁ ଜୀବନ ସହ ଜୀବିକାକୁ ମଧ ଦେଖିବାକୁ ପଡିବ। ତେଣୁ ସମସ୍ତଙ୍କୁ ଲକଡାଉନକୁ ଦୂରେଇ ରଖିବାକୁ ପଡିବ ବୋଲି ସେ କହିଛନ୍ତି। ମୋଦି କହିଛନ୍ତି, କରୋନର ପ୍ରଥମ ୱେଭ ତୁଳନାରେ ଦ୍ୱିତୀୟ ୱେଭ ଝଡ ପରି



ମାଡିଆସୁଛି। ଏହାଦ୍ୱାରା ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏହି ମହାମାରୀରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। କରୋନରେ ପ୍ରାଣ ହରାଇଥିବା ସମସ୍ତ ଲୋକଙ୍କ ପରିବାର ବର୍ଗଙ୍କୁ ମୁଁ ସମବେଦନା ଜଣାଉଛି। ଏଭଳି ଏକ କଠିନ ପରିସ୍ଥିତିରେ ଆମେ ଧୈର୍ଯ୍ୟ ନ ହରାଇ ଏକାଠି ଲଢ଼େଇ କରିବା। ➤ ପୃ-୬

## ଛଅ ରାଜ୍ୟକୁ ଅମ୍ଳଜାନ ଯୋଗାଇଲା ଓଡ଼ିଶା

**ଭୁବନେଶ୍ୱର :** ଅମ୍ଳଜାନ ଭିତରେ ଓଡ଼ିଶା ସହାୟତାର ହାତ ବଢ଼ାଇଛି। ଅମ୍ଳଜାନ ଅଭାବ ଥିବା ରାଜ୍ୟକୁ ସହାୟତା ପ୍ରଦାନ କରିବାକୁ ଆଗେଇ ଆସିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ୬ଟି ରାଜ୍ୟକୁ ଲଗାତାର ଭାବରେ ଅମ୍ଳଜାନ ପଠାଯାଉଛି। ଦିଲ୍ଲୀ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ବିହାରକୁ ଓଡ଼ିଶା ପଠାଉଛି ଅକ୍ସିଜେନ। ସବୁଠାରୁ ବଡ କଥା ହେଲା, ଅମ୍ଳଜାନ ଯୋଗାଣ ପ୍ରତି ଅନୁଧ୍ୟାନ ପାଇଁ ସ୍ୱତନ୍ତ୍ର ସେଲ୍ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ୨୪ ଘଣ୍ଟିଆ ସେଲ୍ ସକ୍ରିୟ ରହିଛି। ଯେକୌଣସି ରାଜ୍ୟ ଯଦି ଅମ୍ଳଜାନ ସହାୟତା ଲୋଡେ ସେ ରାଜ୍ୟକୁ ଓଡ଼ିଶା ଯୋଗାଇବ। ରାଜ୍ୟର ବଳକା ଅମ୍ଳଜାନ ମଧ ବାହାର ରାଜ୍ୟକୁ ପଠାଯିବ। ଏହିକ୍ରମରେ ୪୦



ଟନ୍ ଅମ୍ଳଜାନ ଅନ୍ୟ ରାଜ୍ୟକୁ ଯାଇଛି। ଅନ୍ୟପଟେ ଶିଳ୍ପ ପ୍ରତିଷ୍ଠାନକୁ ୨୪ ଘଣ୍ଟିଆ ଅମ୍ଳଜାନ ଉତ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାଟା କଳିଙ୍ଗନଗର, ଜେଏସ୍‌ପିଏଲ୍‌କୁ ଅମ୍ଳଜାନ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାଟା ଭୂଷଣ ଢେଙ୍କାନାଳ ଓ ଜେଏସ୍‌ପିଏଲ୍ କଳିଙ୍ଗନରଗକୁ ଅମ୍ଳଜାନ ଉତ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ➤ ପୃ-୬

## ଓଡ଼ିଶାରେ ଚିହ୍ନଟ ହୋଇନାହିଁ ଟ୍ରିପଲ ମ୍ୟୁଟାଣ୍ଟ

**ଭୁବନେଶ୍ୱର :** ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଟ୍ରିପଲ ମ୍ୟୁଟାଣ୍ଟ ଚିହ୍ନଟ ହୋଇଥିବା ଜଣାପଡ଼ିନାହିଁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗ, ଦିଲ୍ଲୀ, ଛତିଶଗଡ଼ରେ ଚିହ୍ନଟ ହୋଇଛି। ଏହି ନୂଆ ଭୂତାଣୁ ଶୀଘ୍ର ବ୍ୟାପୁଛି। ଏହି ନୂଆ ଭୁତାଣୁକୁ କୋଭିଡ ଟିକା ରୋକିବ କି ନାହିଁ ତାହା ଅନୁଧ୍ୟାନ ଚାଲିଛି। ଦ୍ୱିତୀୟ ଡୋଜ ନେବା ପରେ ସଂକ୍ରମଣ କମ ହେବା ଆଶଙ୍କା। ତେଣୁ ୨ୟ ଡୋଜ ନିଅନ୍ତୁ। ଘରୋଇ ହସ୍ପିଟାଲକୁ ଟିକା ଦେବେ ନାହିଁ ରାଜ୍ୟ



ସରକାର। ଟିକା ଉତ୍ପାଦନ ସଂସ୍ଥା ଠାରୁ ଘରୋଇ ହସ୍ପିଟାଲ ୬୦୦ ଟଙ୍କାରେ ଟିକା କିଣିବେ। ୧୩କୋଟିରୁ ଅଧିକ ଟିକା ➤ ପୃ-୬

## ଭିରାଫିନ୍‌କୁ ଅନୁମତି



**ନୂଆଦିଲ୍ଲୀ :** କରୋନାକୁ ମୁକାବିଲା କରିବାକୁ ଜରୁରୀକାଳୀନ ବ୍ୟବହାର ପାଇଁ କେନ୍ଦ୍ର ସରକାର ଆଜି ଆଉ ଏକ ଔଷଧ ମଞ୍ଜୁରୀ ଦେଇଛନ୍ତି। ଔଷଧ ନିର୍ମାଣକାରୀ କମ୍ପାନୀ ଜାଏଡସ କାଡିଲା ଦ୍ୱାରା ପ୍ରସ୍ତୁତ ଭିରାଫିନକୁ ଭାରତୀୟ ଔଷଧ ନିୟାମକ ବା ଡିସିଜିଆଇ ➤ ପୃ-୬

### କରୋନା କାଳରେ ଗରିବଙ୍କ ଚିନ୍ତା

## ମେ', ଜୁନ୍‌ରେ ମୁଣ୍ଡପିଛା ୫ କିଲୋ ଖାଦ୍ୟଶସ୍ୟ ମାଗଣା

**ନୂଆଦିଲ୍ଲୀ :** ମହାମାରୀ କରୋନାର ଦ୍ୱିତୀୟ ଲହର ଭିତରେ ଆଜି କେନ୍ଦ୍ର ସରକାର ବଡ ପଦକ୍ଷେପ ନେଇଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି ଏକାଧିକ ରାଜ୍ୟରେ କଟକଣା ଲାଗିଥିବାରୁ ଗରିବ ଲୋକ ପ୍ରଭାବିତ ହେବାରେ ଲାଗିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ମେ' ଓ ଜୁନ୍ ମାସରେ ଦେଶର ସମସ୍ତ ଗରିବ ଲୋକଙ୍କୁ ମାଗଣାରେ ରାସନ ଯୋଗାଇ ଦେବେ। ଏହାଦ୍ୱାରା ପ୍ରାୟ ୮୦ କୋଟି



ଲୋକ ଲାଭବାନ ହେବେ ବୋଲି ସରକାର କହିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧିନରେ ଗରିବ ଲୋକଙ୍କୁ ୫ କେଜି ଚାଉଳ କିମ୍ବା ଗହମ ଓ ୧ କେଜି ଡାଲି ମିଳିବ। ଏଥିପାଇଁ ୨୬ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। କରୋନା ସଂକ୍ରମଣ ବେଳେ ଖାଦ୍ୟାଭାବ ଦୂର କରିବାକୁ ମୋଦି ସରକାର ➤ ପୃ-୬

SHREE KRISHNA INTERNATIONAL SCHOOL
(A Day Cum Residential Senior Secondary School)
Affiliated to CBSE, New Delhi
ADMISSION OPEN FOR
STD- XI (SCIENCE) FOR SESSION 2021-22
FEW SEATS AVAILABLE
Integrated Coaching for
Engineering & Medical by Experienced Faculties
For Admission Details Contact:
8260022022 / 9439541078
96, Malipada, Near IIIT, Bhubaneswar - 751003
Email: skise.odisha@gmail.com, www.skisbbsr.org

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଅଚାନକ ଧନପ୍ରାପ୍ତି ହେବାର ସମ୍ଭାବନା ଅଛି ଓ କୌଣସି ବ୍ୟକ୍ତି ଆର୍ଥିକ ସହାୟତା କରିପାରନ୍ତି। ବଡ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ। ନୂଆ ନୂଆ ସୁଯୋଗ ଆସିବ। ଛାତ୍ରମାନେ ପାଠରୁ ଦୂରେଇଯିବେ।

**ବୃଷ** ପରିବାରର କୌଣସି ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କ ମନ ବିଚଳିତ କରିବ। ନିବେଶ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ଆର୍ଥିକ କ୍ଷତର ଯୋଗ ଅଛି। ଘରର ଲୋକଙ୍କ ଉପରେ ଆପଣଙ୍କ ନିଷ୍ପତ୍ତି ଜାହିର କରନ୍ତୁନାହିଁ। ଛାତ୍ରମାନେ ନୂତନ ଶିକ୍ଷାରେ ମନଦେବେ।

**ମିଥୁନ** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ତରବରିଆ ପଣ କାର୍ଯ୍ୟ କ୍ଷେତ୍ରରେ କ୍ଷତି ଘଟାଇବ। ଅନ୍ୟକୁ ସହଜରେ ମନେଇ ପାରିବେ। ଘର ପରିବାର ଶାନ୍ତି ବାତାବରଣ ଅନୁଭୁତ ହେବ। ପଦୋନ୍ନତି ହେବାର ସମ୍ଭାବନା ଅଛି।

**କର୍କଟ** ମାନସିକ ସ୍ଥିତିରେ ପରିବର୍ତ୍ତନ ହେବ। ସାମାନ୍ୟ ଠାରୁ ଯଥେଷ୍ଟ ଅଧିକ ଧନ ପ୍ରାପ୍ତି ହେବ। ବାପା ଓ ମାଆ ଆପଣଙ୍କର କୌଣସି କାର୍ଯ୍ୟ ଗର୍ବ କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ମିଳିବ।

**ସିଂହ** ସ୍ୱାସ୍ଥ୍ୟର ସମସ୍ୟା ରହିବ ନାହିଁ। ଆର୍ଥିକ ସ୍ଥିତି ମଜଭୁତ ଯୋଗୁ ଅନେକ ଘରୋଇ ଉପକରଣ କ୍ରୟ କରିପାରନ୍ତି। କୌଣସି ଅସୁବିଧାରୁ ଭାଇଭଉଣୀଙ୍କ ସହଯୋଗରୁ ମୁକୁଳିଯିବ।

**କନ୍ୟା** ପୂର୍ବ ସପ୍ତାହ ତୁଳନାରେ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। କମିଶନ ଓ ଲାଭାଂଶରୁ ଅର୍ଥ ପ୍ରାପ୍ତି ହେବ। ଘରର କୌଣସି ସଦସ୍ୟଙ୍କୁ ନିଜର କିଛି ପୁରୁଣା ଘଟଣା କହିବା ଯୋଗୁଁ ମାନସିକ ସ୍ଥିତି ବିଗିଡିଯିବ।

**ତୁଳା** ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବ। ଯଥା ଆଖି, କାନ ଓ ନାକରେ କୌଣସି ସଂକ୍ରମଣ ହୋଇପାରେ। ଆର୍ଥିକ ସ୍ଥିତି ଦୋହଲି ଯାଇପାରେ, କିନ୍ତୁ ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିବ। କାର୍ଯ୍ୟକ୍ଷେତ୍ରରେ କିଛି ଭୁଲ ହେଲେ ସ୍ୱୀକାର କରନ୍ତୁ।

**ବିଛା** ପୁରୁଣା କଥାରୁ ମନ ବାହାର କରି କିଛି ନୂଆ ଆରମ୍ଭ କରନ୍ତୁ। ନିଜର ପ୍ରତିଭାକୁ ଠିକ ବିନିଯୋଗ କରନ୍ତୁ। ଆଗକୁ ଅନେକ ଲାଭ ମିଳିବ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ ଅସଫଳ ହେବେ।

**ଧନୁ** ଆତ୍ମବିଶ୍ୱାସ ହରାଇ ପାରନ୍ତି। ଠିକ ସମୟରେ ସଠିକ ନିର୍ଣ୍ଣୟ ନିଅନ୍ତୁ। ବିପରୀତ ଲଙ୍ଗର ମଣିଷଙ୍କ ପ୍ରତି ଅଧିକ ଆକର୍ଷିତ ହେବେ। ଘରର ଛୋଟ ପିଲାଙ୍କ ସହ ଅଧିକ ସମୟ ବିତାନ୍ତୁ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ।

**ମକର** ମାଂସପେଶୀରେ ଯନ୍ତ୍ରଣା ହୋଇପାରେ। ଆଶା ଅନୁସାରେ ଧନପ୍ରାପ୍ତି ହେବ ନାହି। ପାରିବାରିକ ଜୀବନରେ ଶାନ୍ତି ମିଳିବ। କାର୍ଯ୍ୟଁକ୍ଷେତ୍ରରେ ସଫଳତା ମିଳିବ। ଶିକ୍ଷା ଓ ପ୍ରେମ ଆପଣଙ୍କୁ ଅସ୍ଥିର କରିବ।

**କୁମ୍ଭ** ଅନ୍ଧକାରର ଧୂଆଁରୁ ନିଜକୁ ବାହାରକୁ ଆଣନ୍ତୁ। ସଫଳତା ଅପକ୍ଷା କରିଛି। କାର୍ଯ୍ୟକ୍ଷେତ୍ରରେ କାମର ବୋଝ ଅଧିକ ହେବ। ମନକୁ ସ୍ଥିର ରଖନ୍ତୁ। ନଚେତ୍ ଲକ୍ଷରୁ ଦୂରେଇ ଯିବେ। ଦାମ୍ପତ୍ୟ ଜୀବନରେ ପ୍ରତିବନ୍ଧକ ଦେଖାଦେବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ଖରାପ ସ୍ୱାସ୍ଥ୍ୟ ଯୋଗୁ ଚିନ୍ତିତ ରହିବେ। ଉଧାର ଦେବାରୁ ନିବୃତ ରହନ୍ତୁ। ପ୍ରଭାବଶାଳୀ ଲୋକଙ୍କ ସହ ସମ୍ପର୍କ ବଢ଼ିବ। ଘରର କୌଣସି ସମସ୍ୟା ଆପଣଙ୍କୁ ପ୍ରଭାବିତ କରିପାରେ। ଶିକ୍ଷା କ୍ଷେତ୍ରରେ ସଫଳତା ପାଇଁ ଅନେକ ସୁଯୋଗ ମିଳିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କରୋନାକୁ ନେଇ କେନ୍ଦ୍ରର ଚେତାବନୀ

# ଆସନ୍ତା ୩ ସପ୍ତାହ ସବୁଠୁ ଗୁରୁତ୍ୱପୂର୍ଣ୍ଣ

**ନୂଆଦିଲ୍ଲୀ :** ଅସମ୍ଭାଳ କରୋନାର ଦ୍ୱିତୀୟ ଲହର ମଧ୍ୟରେ କେନ୍ଦ୍ର ସରକାର ସମସ୍ତ କେନ୍ଦ୍ର ଶାସିତ ଅଞ୍ଚଳକୁ ବଡ ଚେତାବନୀ ଦେଇଛନ୍ତି। କରୋନା ବିରୋଧରେ ଚାଲିଥିବା ଲଢ଼େଇ ପାଇଁ ଆସନ୍ତା ୩ ସପ୍ତାହ ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ନିଜର କଣ୍ଟେନମେଣ୍ଟ ଶୈଳୀକୁ ଆଗୁଆ ପ୍ରସ୍ତୁତ କରନ୍ତୁ ବୋଲି ସରକାର କହିଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଓ ପୋଲିସମାନଙ୍କୁ ନେଇ ଆଜି କେନ୍ଦ୍ର ସରକାର ଜରୁରୀ ବୈଠକ କରିଥିଲେ। ଏଥିରେ ଯୋଗ ଦେଇଥିବା ନୀତି ଆୟୋଗ (ସ୍ୱାସ୍ଥ୍ୟ) ସଦସ୍ୟ ଡା ଭିକେ ପଲ୍ କହିଛନ୍ତି, ଆସନ୍ତା ୩ ସପ୍ତାହ କରୋନା ସଂକ୍ରମଣକୁ ରୋକିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ତେଣୁ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ସଂକ୍ରମଣକୁ କେମିତି ରୋକାଯାଇପାରିବ, ତା'ର ବ୍ୟବସ୍ଥା ସମୟ ପୂର୍ବରୁ କରିବା ଦରକାର। ସେମାନେ ବଡବଡ ସର୍ଭେ କରି ପଜିଟିଭ କେସ୍‌କୁ ଚିହ୍ନଟ କରିବା ଉଚିତ। ବୈଠକରେ ଉପସ୍ଥିତ ଥିବା କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା କହିଛନ୍ତି, ବର୍ତ୍ତମାନ ସମଗ୍ର ଦେଶରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢୁଛି। ଜାନୁଆରୀ ୧ରେ ଦୈନିକ ସଂକ୍ରମଣ ୨୦ ହଜାର ଥିବା ବେଳେ ଏବେ



ଏହା ୧୦ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଗତ ୧୧ଦିନ ମଧ୍ୟରେ ସଂକ୍ରମଣ ହାର ଦୁଇଗୁଣ ବଢ଼ିଛି। ,ପ୍ରିଲ ୯ରେ ୧.୭୩ଲକ୍ଷ କେସ୍ ଥିବା ବେଳେ ଏପ୍ରିଲ ୨୦ରେ ଏହା ୨.୭୩ଲକ୍ଷ ହୋଇଯାଇଛି। ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ନିଜର ଟେଷ୍ଟିଂ ସଂଖ୍ୟାକୁ ଆଶାତୀତ ବୃଦ୍ଧି କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। ଏଥିସହ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କଣ୍ଟେନମେଣ୍ଟ ଜୋନ ଓ କରୋନା କଟକଣାକୁ କଡାକଡି ଭାବେ ଲାଗୁ କରିବାକୁ କେନ୍ଦ୍ର ସରକାର କହିଛନ୍ତି। ଆସନ୍ତା ୩ ସପ୍ତାହ ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ନିଜର ହସ୍ପିଟାଲ ଗୁଡିକୁ ଠିକ୍ ଭାବେ ପ୍ରସ୍ତୁକ କରି ରଖିବାକୁ ମଧ୍ୟ ବୈଠକରେ ସମସ୍ତଙ୍କୁ କୁହାଯାଇଛି। ବୈଠକରେ ଅଧିକାଂଶ କେନ୍ଦ୍ର ଶାସିତ ଅଞ୍ଚଳ ଶାସନ ସଚିବ କହିଛନ୍ତି ଯେ, ସେମାନେ ସଂକ୍ରମଣକୁ ରୋକିବା ପାଇଁ ନାଇଟ୍ କର୍ଫ୍ୟୁ ସହ ଏକାଧିକ କଟକଣା ଲାଗୁ କରିଛନ୍ତି। ଚଣ୍ଡିଗଡ କହିଛି ଯେ, ଅଧିକାରୀମାନେ ଘର ଘର ବୁଲି ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରିବାକୁ କାଉନସେଲିଂ କରୁଛନ୍ତି। ଏଠାରେ ୯୦% କୋଭିଡ୍ ଆକ୍ରାନ୍ତ ହୋମ ଆଇସୋଲେସନରେ ରହିଛନ୍ତି। ସେମାନଙ୍କ ଉପରେ ମୋବାଇଲ ଟିମ୍ ଜରିଆରେ ନଜର ରଖାଯାଇଛି। ବୈଠକରେ ଦିଲ୍ଲୀରେ ଦେଖାଯାଇଥିବା ବେଡ୍‌ର ଅଭାବ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

## ୩ ଉଷ୍ମତମ ବର୍ଷ ଭିତରେ ୨୦୨୦ ଥିଲା ଚିନ୍ତାଜନକ

**ଜେନେଭା :** ବିଶ୍ୱରେ ସାମ୍ପ୍ରତିକ ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପାୟନ ସମୟ (୧୮୫୦-୧୯୦୦)ସ୍ତର ଠାରୁ ୧.୨ ଡିଗ୍ରି ସେଲସିଅସ୍ ଅଧିକ ରହିଛି ଏବଂ ଏହି କ୍ରମରେ ଗତ ଛଅ ବର୍ଷ ଭିତରେ ଅନୁଭୂତ ୩ଟି ଉଷ୍ମତମ ବର୍ଷ ଭିତରେ ୨୦୨୦ ମସିହା ସବୁଠୁ ଚିନ୍ତାଜନକ ବୋଲି ବିଶ୍ୱ ପାଣିପାଗ ସଂସ୍ଥା(ଡବ୍ଲ୍ୟୁଏମ୍‌ଓ) ଦ୍ୱାରା ଏକ ଅନୁଧ୍ୟାନରୁ ଜଣାଯାଇଛି। ଏଭଳି ଅସ୍ୱାଭାବିକ ପାଗ ସାଙ୍ଗକୁ କୋଭିଡ୍-୧୯ର ପରାକ୍ରମ ବିଶ୍ୱ ବ୍ୟାପୀ କୋଟି କୋଟି ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ସୂଚନାନୁଯାୟୀ, ୨୦୧୫ ମସିହା ପରଠାରୁ ୨୦୨୦ ଯାଏ ବିଗତ ଛଅ ବର୍ଷ ହିଁ ମାତ୍ରାଧିକ ଉଷ୍ମତା ଅନୁଭୂତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨୦୧୬, ୨୦୧୯ ଓ ୨୦୨୦ ଉଷ୍ମତମ ବର୍ଷ ରହିଥିଲା। ସେହିପରି ୨୦୧୧-୨୦ ହେଉଛି ସବୁଠୁ ଉଷ୍ମ ଦଶକ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଏଲ ନିନୋ ପରି ଉଷ୍ମୀକରଣ ପ୍ରକ୍ରିୟା ଯୋଗୁଁ ୨୦୧୬ ମସିହା ସବୁଠୁ ଉତ୍ତପ୍ତ ରହିଥିବା ବେଳେ ଲା ନିନା ପରି ପ୍ରାକୃତିକ ଶୀତଳୀକରଣ ପ୍ରକ୍ରିୟା ସତ୍ତ୍ୱେ ୨୦୨୦ ମସିହା ଅସ୍ୱାଭାବିକ ଭାବେ ତାହାର ବରାବର



ସ୍ଥିତିରେ ରହିବା ପରିବେଶବିତ୍ମାନଙ୍କୁ ଚିନ୍ତାରେ ପକାଇଛି। ସୁତରାଂ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବର୍ତ୍ତନ ଠାରୁ ଆହୁରି ଶକ୍ତିଶାଳୀ ବୋଲି ସ୍ପଷ୍ଟ ହୋଇଛି। ସୂଚନା ଥାଉ କି, ବିଶ୍ୱ ପାଣିପାଗରେ ଉଲ୍ଲେଖନୀୟ ପରିବର୍ତ୍ତନ ଜଣାପଡ଼ିବା ପରଠାରୁ ୧୯୯୩ ମସିହା ପରଠାରୁ ଦୀର୍ଘ ୨୮ ବର୍ଷ ଧରି ଡବ୍ଲ୍ୟୁଏମ୍‌ଓ ପକ୍ଷରୁ ଏପରି ତଥ୍ୟ ସଂଗୃହୀତ ହୋଇ ଆସିଛି। ସେବେଠାରୁ ସ୍ଥଳଭାଗ ଓ ସମୁଦ୍ର ତାପମାତ୍ରାରେ ବୃଦ୍ଧି ସମେତ ବରଫ ଓ ହିମଶୈଳ ତରଳିବା, ସମୁଦ୍ର ପତ୍ତନରେ ବୃଦ୍ଧି ଓ ବାଷ୍ପୀକରଣ ପ୍ରକ୍ରିୟାରେ ପରିବର୍ତ୍ତନ ଆଦି ଘଟଣା ଲକ୍ଷ୍ୟ କରାଯାଇଛି ବୋଲି ସଂସ୍ଥାର ମହାସଚିବ ପ୍ରଫେସର ପେଟ୍ଟେରି ତଲାସ କହିଛନ୍ତି। ଆସନ୍ତା ୨୨ରୁ ୨୩ ଯାଏ ଆମେରିକା ରାଷ୍ଟ୍ରପତି ବାଇଡେନ୍‌ଙ୍କ ଦ୍ୱାରା ଆହୂତ ବିଶ୍ୱସ୍ତରୀୟ ଜଳବାୟୁ ସମ୍ମିଳନୀରେ ବୃହତ୍ ଅର୍ଥନୀତି ସଂପନ୍ନ ରାଷ୍ଟ୍ରମାନଙ୍କୁ ସବୁଜଗୃହ ବାଷ୍ପ ନିର୍ଗମନ କମାଇବା ପାଇଁ ତାଗିଦ କରିବା ପୂର୍ବରୁ ଏହି ରିପୋର୍ଟ ଗୁରୁତ୍ୱ ବହନ କରୁଛି।

## ପହିଲାରୁ ପ୍ରାପ୍ତ ବୟସ୍କଙ୍କୁ ଟିକା

**ନୂଆଦିଲ୍ଲୀ :** ମେ' ୧ରୁ ସମସ୍ତ ପ୍ରାପ୍ତ ବୟସ୍କ ଟିକା ନେବେ। ଅର୍ଥାତ୍ ଏବେ ଟିକା ନେବାର ସର୍ବନିମ୍ନ ବୟସ ୧୮ କରିଛନ୍ତି ସରକାର। କେନ୍ଦ୍ର ସରକାର ଏହି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫାର୍ମା କମ୍ପାନୀ ମାନଙ୍କ ସହ ବୈଠକ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଟିକାକରଣ ନେଇ ତିନୋଟି ରଣନୀତି ପ୍ରସ୍ତୁତ କରିଛନ୍ତି ସରକାର। ପ୍ରଥମ ପର୍ଯ୍ୟାୟରେ ଟିକା ଉତ୍ପାଦନକାରୀ ପ୍ରତି ମାସରେ ଯେତେ ଟଇକା ଉତ୍ପାଦନ କରିବେ ତାର ୫୦% ସେଣ୍ଟ୍ରାଲ ଡ୍ରଗ୍ ଲାବୋରେଟୋରୀକୁ ଦେବେ। ଏହାପରେ ବାକି ଟିକା ରାଜ୍ୟ ସରକାର ଏବଂ ଖୋଲା ବଜାରକୁ ଯୋଗାଇ ପାରିବେ ଉକ୍ତ ଟିକା ଉତ୍ପାଦନକାରୀ କମ୍ପାନୀ। ଏବେ ବିଭିନ୍ନ ଘରୋଇ ଏବଂ ସରକାରୀ କୋଭିଡ୍ କେନ୍ଦ୍ରରେ ଟିକାକରଣ ଚାଲିଛି। ଏବେ ଖୋଲା ବଜାରକୁ ଟିକା ଦେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବାର ଅର୍ଥ ଔଷଧ ଦୋକାନ, ହସ୍ପିଟାଲ ମଧ୍ୟ କରୋନା ଟିକା ଉତ୍ପାଦକଙ୍କ ପାଖରୁ କିଣିପାରିବେ। କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦେଖି ଟିକା ଯୋଗାଇବେ। ଟିକା କିଭଳି ଅପଚୟ କମ୍ ହେବ ସେ ଦିଗରେ ମାନଦଣ୍ଡରେ ବିଚାର କରାଯିବ। ଏଥିସହ ଟିକା ଉତ୍ପାଦନକାରୀ ଟିକାର ଦାମ ସ୍ଥିର କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



କୋଭିଡ୍ ସ୍ଥିତି ନେଇ ଦେଶର ପ୍ରତିଷ୍ଠିତ ଡାକ୍ତର ଏବଂ ଦେଶର ଫାର୍ମା କମ୍ପାନୀ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସରକାରୀ ବର୍ଷେରୁ ଅଧିକ ସମୟ ଧରି କୋଭିଡ୍ ବିରୋଧରେ ଲଢ଼େଇ କରୁଛନ୍ତି। କିଭଳି ଟିକା ଅଧିକରୁ ଅଧିକ ଭାରତୀୟ ପାଇପାରିବେ ସେ ନେଇ କେନ୍ଦ୍ର ସରକାର ଚେଷ୍ଟା କରୁଛନ୍ତି। ସୂଚନାଯୋଗ୍ୟ, ଟିକାକରଣକୁ ରୋକିବା ପାଇଁ କେନ୍ଦ୍ର ସରକାର ଜାନୁଆରୀ ଆରମ୍ଭରୁ ଟିକାକରଣ ଆରମ୍ଭ କରିଛନ୍ତି। ପ୍ରଥମେ କୋଭିଡ୍ ଯୋଦ୍ଧାଙ୍କୁ ଟିକା ଦେଇଥିଲେ ସରକାର। ଏହାପରେ ୬୦ରୁ ଅଧିକ ବୟସ ବ୍ୟକ୍ତିଙ୍କୁ ସରକାର ଟିକାକରଣରେ ସାମିଲ କରିଥିଲେ। ପରେ ୪୫ରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ଟିକାକରଣରେ ସାମିଲ କରିଥିଲେ। ହେଲେ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଅକସ୍ମାତ ହୁ ହୁ ହୋଇ ବଢ଼ିବା ପରେ କେନ୍ଦ୍ର ସରକାର ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ଟିକା ନେବାକୁ ଅନୁମତି ଦେଇଛନ୍ତି।

## ଦ୍ରୁତ ସଂକ୍ରମଣ ପଛରେ 'ଟ୍ରିପଲ ମ୍ୟୁଟାଣ୍ଟ' ପ୍ରଜାତି

**ନୂଆଦିଲ୍ଲୀ :** କୋଭିଡ୍-୧୯ର ଦ୍ୱିତୀୟ ଲହର ସଂପ୍ରତି ଦେଶରେ ଏକ ସଙ୍ଗୀନ୍ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଏବେ ଦେଶରେ ଚିହ୍ନଟ ହୋଇଛି କୋଭିଡ୍ ଭୂତାଣୁର ଏକ ନୂଆ ଟ୍ରିପଲ ମ୍ୟୁଟାଣ୍ଟ (ତିନିଥର ରୂପାନ୍ତରିତ ବା ପରିବର୍ତ୍ତିତ ହୋଇଥିବା) ପ୍ରଜାତି। ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଛତିଶଗଡର କରୋନା ଆକାନ୍ତ ରୋଗୀମାନଙ୍କ ନିକଟରେ କୋଭିଡ୍ ଭୂତାଣୁର ଏହି ନୂତନ ଟ୍ରିପଲ ମ୍ୟୁଟାଣ୍ଟ ପ୍ରକାର ବା ପ୍ରଜାତି ଦେଖିବାକୁ ମିଳିଛି। ବିଶେଷଜ୍ଞମାନେ କହିଛନ୍ତି ଯେ, କୋଭିଡ୍ ସଂକ୍ରମଣ ମାମଲା ଗୁଡିକର ଦ୍ରୁତ ବୃଦ୍ଧି ପଛରେ ରହିଛି ଭୂତାଣୁର ଏହି ନୂଆ ପ୍ରକାର। ଫଳସ୍ୱରୂପ ଏହି 'ଟ୍ରିପଲ ମ୍ୟୁଟାଣ୍ଟ ଭାରିଆଣ୍ଟ' ଦେଶ ପାଇଁ ଏକ ନୂତନ ବିପଦ ସୃଷ୍ଟି କରିଛନ୍ତି। ଉଲ୍ଲେଖଯୋଗ, ବର୍ତ୍ତମାନ ପର୍ଯ୍ୟନ୍ତ 'ଡବଲ ମ୍ୟୁଟାଣ୍ଟ ଭାଇରସ୍' ବା ଦ୍ୱୈତ ରୂପାନ୍ତରିତ କୋଭିଡ୍ ଭୂତାଣୁ ସଂକ୍ରମଣର ଦ୍ରୁତ ବୃଦ୍ଧି ପଛରେ ଏକ ମୁଖ୍ୟ କାରଣ ରହିଥିଲା ବୋଲି କୁହାଯାଉଥିଲା। କୋଭିଡ୍-୧୯ ଭୂତାଣୁର ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ସମେତ ସମଗ୍ର ବିଶ୍ୱରେ ଅନେକ ପରିବର୍ତ୍ତନ ହୋଇଛି। ଭୂତାଣୁଙ୍କର ଦୁଇ ବା ଅଧିକ ଷ୍ଟ୍ରେନ୍ ମିଳିତ ହୋଇ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହିତ ନିଜର ଏକ ନୂତନ ପ୍ରଜାତି ଗଠନ କରିଛନ୍ତି। ତେବେ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଛତିଶଗଡ ସମେତ କେତେକ ରାଜ୍ୟରେ କୋଭିଡ୍ ରୋଗୀମାନଙ୍କ ଠାରେ ଟ୍ରିପଲ ମ୍ୟୁଟାଣ୍ଟ ପ୍ରକାର ଚିହ୍ନଟ ହୋଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସର୍ବଭାରତୀୟ ସ୍ତରରେ କୋଭିଡ୍ ସଂକ୍ରମଣର ଦ୍ରୁତ ବୃଦ୍ଧି ପଛରେ ରହିଛି ଭୂତାଣୁର ଏହି ନୂତନ ପ୍ରକାର। ଏହାପୂର୍ବରୁ ଆଜି ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର) କହିଛି ଯେ, ଭାରତ ବାୟୋଟେକ୍ ଦ୍ୱାରା ବିକଶିତ କୋଭିଡ୍ ଟିକା 'କୋଭାକ୍ସିନ୍' କୋଭିଡ୍ ଭୂତାଣୁ ସାର୍ସ-କୋଭ୍-୨ର ଏକାଧିକ ପ୍ରକାର ବିରୁଦ୍ଧରେ ପ୍ରଭାବଶାଳୀ ଅଟେ। ଏହି ଟିକା ଡବଲ ମ୍ୟୁଟାଣ୍ଟ ଷ୍ଟ୍ରେନକୁ (ଦ୍ୱୈତ ରୂପାନ୍ତରିତ ଭୂତାଣୁ) ମଧ୍ୟ ନିରପେକ୍ଷ କରିଥାଏ।

## ଔଷଧ ଦୋକାନରେ ବିକ୍ରି ହୋଇପାରିବନି କରୋନା ଟିକା

**ନୂଆଦିଲ୍ଲୀ :** ଆସନ୍ତା ୧ ତାରିଖରୁ କରୋନା ଟିକା ଖୋଲା ବଜାରରେ ମିଳିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ସେହିପରି ୧ ତାରିଖରୁ ୧୮ ବର୍ଷ ବୟସରୁ ଅଧିକ ବୟସ୍କଙ୍କ ଟିକାକରଣ ଆରମ୍ଭ ହେବ। ଖୋଲା ବଜାରରେ ଟିକା ମିଳିବ ବୋଲି ସରକାର କହିଥିବାରୁ ସମସ୍ତେ ଭାବିଥିଲେ ବଡ଼ବଡ଼ ମେଡିସିନ ଦୋକାନରେ ମଧ୍ୟ କରୋନା ଟିକା ଉପଲବ୍ଧ ହେବ। କିନ୍ତୁ କରୋନା ଟିକା କୌଣସି ଔଷଧ ଦୋକାନରେ ବିକ୍ରି ପାଇଁ ଉପଲବ୍ଧ ହେବନାହିଁ। କେବଳ ହସ୍ପିଟାଲ ଓ ଅନୁମତିପ୍ରାପ୍ତ ଟିକାକରଣ କେନ୍ଦ୍ରରେ ହିଁ କରୋନା ଟିକା ଉପଲବ୍ଧ ହେବ। ହସ୍ପିଟାଲ ଓ ଟିକାକରଣ କେନ୍ଦ୍ର ବାଦ୍ ଆଉ କେଉଁଠି ବି ଲୋକଙ୍କୁ ଟିକା ମିଳିବ ନାହିଁ। ଟିକାକରଣ ପରେ ପାର୍ଶ୍ୱପ୍ରତିକ୍ରିୟା କୋ-ୱିନ ଆପ୍‌ରେ ରେକର୍ଡ ହେବ ଓ ଏହାକୁ ତର୍ଜମା କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ



କହିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଭାରତ ସରକାର ସମସ୍ତ ଡାକ୍ତର ଓ ସାଧାରଣ ଲୋକଙ୍କ ପାଇଁ ଟିକାକରଣ ପରେ କ'ଣ ସବୁ ପଦକ୍ଷେପ ନେବାକୁ ପଡ଼ିବ, ସେ ବିଷୟରେ ଗାଇଡଲାଇନ ଜାରି କରିବେ। ଏଥିରେ ଟିକାକରଣ ପରେ ଦେଖାଯାଉଥିବା ପାର୍ଶ୍ୱପ୍ରତିକ୍ରିୟାର ଯତ୍ନ କେମିତି ନିଆଯିବ, ସେକଥା ଉଲ୍ଲେଖ କରାଯିବ। ଅଧିକାରୀ ଜଣଙ୍କ କହିଛନ୍ତି, କରୋନା ଟିକାକୁ ଜରୁରୀ କାଳୀନ ଭିତ୍ତିରେ ବ୍ୟବହାର କରିବାକୁ ଅନୁମତି ମିଳିଛି। ତେଣୁ ଏହାକୁ କେବେ ହେଲେ ଔଷଧ ଦୋକାନରେ ବିକ୍ରି ପାଇଁ ଅନୁମତି ମିଳିବ ନାହିଁ। ଟିକାକରଣ କାର୍ଯ୍ୟକ୍ରମ ଉପଯୁକ୍ତ ପରିବେଶ ଓ ଗାଇଡଲାଇନ ମଧ୍ୟରେ କରିବା ଜରୁରୀ। ସେହିପରି ପାର୍ଶ୍ୱପ୍ରତିକ୍ରିୟା ଉପରେ ମଧ୍ୟ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଦେଶରେ କରୋନା ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ଭାରତ ସରକାର ସୋମବାର ଟିକାକରଣ ଉପରେ ବଡ଼ ନିଷ୍ପତ୍ତି ନେଇଥିଲେ। ମେ' ୧ରୁ ଦେଶର ୧୮ ବର୍ଷ ବୟସରୁ ଅଧିକ ବୟସ୍କଙ୍କ ଟିକାକରଣ କରାଯିବ ବୋଲି ସରାକର ଘୋଷଣା କରିଛନ୍ତି। ଏଥିସହ ରାଜ୍ୟମାନେ ସିଧାସଳଖ ଟିକା ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ଠାରୁ ୫୦% ଟିକା ନେଇପାରିବେ ବୋଲି କେନ୍ଦ୍ର ସରକାର କହିଛନ୍ତି।

# କୋଭିସିଲ୍ଡ ଟିକାର ଦାମ ଘୋଷଣା କଲା ସେରମ୍

### ଘରୋଇ ହସ୍ପିଟାଲ ପାଇଁ ୬୦୦, ରାଜ୍ୟ ସରକାରଙ୍କ ପାଇଁ ୪୦୦ ଟଙ୍କା

**ନୂଆଦିଲ୍ଲୀ :** ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ। (ଏସ୍‌ଆଇଆଇ) କୋଭିସିଲ୍ଡ ଟିକା ଦର ଘୋଷଣା କରିଛି। ଘରୋଇ ହସ୍ପିଟାଲ ପାଇଁ ଏହି ଦର ୬୦୦ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପାଇଁ ୪୦୦ ଟଙ୍କା ସ୍ଥିର କରିଛି ଏସଆଇଆଇ। କମ୍ପାନୀ ବିବୃତ୍ତିରେ କହିଛି, ଆସନ୍ତା ଦୁଇମାସ ମଧ୍ୟରେ ଟିକା ଉତ୍ପାଦନକୁ ବଢ଼ାଯିବ। ଭାରତ ସରକାରଙ୍କ ନିଷ୍ପତ୍ତି ପରେ କମ୍ପାନୀ ଟିକା ଦାମ ସ୍ଥିର କରିଛି। ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରକୁ ୫୦% ଏବଂ ଅବଶିଷ୍ଟାଂଶ କ୍ଷମତାରୁ ରାଜ୍ୟ ସରକାର ଏବଂ ବେସରକାରୀ ଡାକ୍ତରଖାନାକୁ ଦିଆଯିବ। କୋଭିସିଲ୍ଡ ଟିକାର ଦାମ ଆମେରିକାର ଟିକାକୁ ଲକ୍ଷ୍ୟ ରଖି ତିଆରି କରିଛି। ଆମେରିକାନ ଟିକାର ଦାମ ୧୫୦୦ ଟଙ୍କା ରହିଥିବା ବେଳେ ରୁଷିଆ ଏବଂ ଚୀନ୍‌ର ଟିକାର ଦାମ ୭୫୦ ଟଙ୍କା ରହିଛି। କୋଭିସିଲ୍ଡ କିନ୍ତୁ ଏହି ସବୁ ଦେଶ ତୁଳନାରେ ଟିକାର ଦାମ କମ ରଖିଛି। ଭାରତ ସରକାର ଟିକାକରଣକୁ ଜୋରଦାର କରିବା ପାଇଁ ନିକଟରେ ରୁଷିଆର ସ୍ପୁଟନିକ ଭି ଟିକାକୁ ମଧ୍ୟ ଅନୁମତି ଦେଇଛନ୍ତି। ଯଦି ଏହା ବଜାରରେ ଉପଲବ୍ଧ ହେବ ତାହେଲେ ଏହାର ଦାମ ୭୫୦ ଟଙ୍କା ପାଖାପାଖି ରହିପାରେ। ଯାହାକି କୋଭିସିଲ୍ଡ ପାଖରୁ ଅଧିକ ଦାମ। କିନ୍ତୁ ସ୍ପୁଟନିକ ଭି ଟିକାର ସଫଳତା ହାର ୯୦% ଉପରେ ରହିଛି। ଯାହାକି କୋଭିଶିଲ୍ଡ ପାଖରୁ ଅଧିକ। ସେହିପରି ଆମେରିକାର ଟିକା ମଡେର୍ଣ୍ଣା, ଫାଇଜର, ଜନସନ ଆଣ୍ଡ ଜନସନ ଭଳି କମ୍ପାନୀର ଟିକାର ବ୍ୟବହାର ପାଇଁ ଭାରତ ସରକାର ଆଗାମୀ ଦିନରେ ଅନୁମତି




ଦେଇପାରନ୍ତି। ସୂଚନାଯୋଗ୍ୟ, ମେ ୧ରୁ ସମସ୍ତ ପ୍ରାପ୍ତ ବୟସ୍କ ଟିକା ନେବେ। ଟିକା ନେବାର ସର୍ବନିମ୍ନ ବୟସ ୧୮ କରିଛନ୍ତି ସରକାର। କେନ୍ଦ୍ର ସରକାର ଏହି ଘୋଷଣା କରିଛନ୍ତି। ଟିକାକରଣ ନେଇ ତିନୋଟି ରଣନୀତି ପ୍ରସ୍ତୁତ କରିଛନ୍ତି ସରକାର। ପ୍ରଥମ ପର୍ଯ୍ୟାୟରେ ଟିକା ଉତ୍ପାଦନକାରୀ ପ୍ରତି ମାସରେ ଯେତେ ଟିକା ଉତ୍ପାଦନ କରିବେ ତାର ୫୦ ପ୍ରତିଶତ ସେଣ୍ଟ୍ରାଲ୍ ଡ୍ରଗ୍ ଲାବୋରେଟୋରୀକୁ ଦେବେ। ଏହାପରେ ବାକି ଟିକା ରାଜ୍ୟ ସରକାର ଏବଂ ଖୋଲା ବଜାରରକୁ ଯୋଗାଇ ପାରିବେ ଉକ୍ତ ଟିକା ଉତ୍ପାଦନକାରୀ କମ୍ପାନୀ। ଏବେ ବିଭିନ୍ନ ଘରୋଇ ଏବଂ ସରକାରୀ କୋଭିଡ କେନ୍ଦ୍ରରେ ଟିକାକରଣ ଚାଲିଛି। ଏବେ ଖୋଲା ବଜାରକୁ ଟିକା ଦେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବାର ଅର୍ଥ ଔଷଧ ଦୋକାନ, ହସ୍ପିଟାଲ ମଧ୍ୟ କରୋନା ଟିକା ଉତ୍ପାଦକଙ୍କ ପାଖରୁ କିଣିପାରିବେ। ସୂଚନାଯୋଗ୍ୟ, ଟିକାକରଣକୁ ରୋକିବା ପାଇଁ କେନ୍ଦ୍ର ସରକାର ଜାନୁଆରୀ ଆରମ୍ଭରୁ ଟିକାକରଣ ଆରମ୍ଭ କରିଛନ୍ତି। ପ୍ରଥମେ କୋଭିଡ ଯୋଦ୍ଧାଙ୍କୁ ଟିକା ଦେଇଥିଲେ ସରକାର। ଏହାପରେ ୬୦ରୁ ଅଧିକ ବୟସ ବ୍ୟକ୍ତିଙ୍କୁ ସରକାର ଟିକାକରଣରେ ସାମିଲ କରିଥିଲେ। ପରେ ୪୫ରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ଟିକାକରଣରେ ସାମିଲ୍ କରିଥିଲେ। ହେଲେ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଅକସ୍ମାତ ହୁ ହୁ ହୋଇ ବଢ଼ିବା ପରେ କେନ୍ଦ୍ର ସରକାର ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ଟିକା ନେବାକୁ ଅନୁମତି ଦେଇଛନ୍ତି।

# ସବୁଠୁ ଖରାପ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରୁହ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** କୋଭିଡ୍‌ର ଦ୍ୱିତୀୟ ଲହରରେ ବିଭିନ୍ନ ରାଜ୍ୟ ଓ ସହର ମାନଙ୍କରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗୁରୁତର ଚାପରେ ରହିଛି। ଓଡ଼ିଶାରେ ମଧ୍ୟ ଗତ କିଛିଦିନ ଧରି କୋଭିଡ ସଂଖ୍ୟାରେ ବୃଦ୍ଧି ହେଉଛି। ଆମର ପୂର୍ବ ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ଯୋଗୁ ଆମେ ଅନେକ ମାତ୍ରାରେ ପରିସ୍ଥିତିକୁ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ପରିଚାଳିତ କରିପାରିଛୁ। ତେବେ ଆମକୁ ସବୁଠାରୁ ଖରାପ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ ଏବଂ ସମସ୍ତ ରୋଗୀ ଯେପରି ସମ୍ମାନର ସହିତ ଚିକିତ୍ସା ପାଇବେ ଏବଂ ପ୍ରତ୍ୟେକ ଜୀବନକୁ ଆମେ ଯେପରି ବଞ୍ଚାଇ ପାରିବା, ସେଥିପାଇଁ ଆମକୁ ସମସ୍ତ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରି ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଉଭୟ ରାଜ୍ୟ ସରକାର ଓ ଜନସାଧାରଣ କେହି ଲକ୍‌ଡାଉନ୍ ଚାହାନ୍ତି ନାହିଁ। ବିନା ଲକ୍‌ଡାଉନରେ ପରିସ୍ଥିତିର ମୁକାବିଲା କରାଯିବା ଜରୁରୀ। ଏ ଦିଗରେ ମାସ୍କର ବ୍ୟବହାର ଓ ସାମାଜିକ ଦୂରତ୍ୱ



ରକ୍ଷା ଆମକୁ ବହୁତ ପରିମାଣରେ ସାହାଯ୍ୟ କରିପାରିବ। ତେଣୁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଏଥିପାଇଁ ସହଯୋଗ ପାଇଁ ନିବେଦନ କରିଛନ୍ତି। ଆମେ ବର୍ତ୍ତମାନ ସବୁଠାରୁ ଗମ୍ଭୀର ପରିସ୍ଥିତିର ସାମ୍ନା କରୁଛୁ। ତେଣୁ ଆମେ ଯଦି ସମସ୍ତେ ଦାୟିତ୍ୱବାନ ହୋଇ ପରିସ୍ଥିତିର ମୁକାବିଲା କରିବା, ତେବେ ଆମେ ନିଶ୍ଚିତ ଦେଇଛନ୍ତି। ସେଗୁଡିକ ମଧ୍ୟରେ ରହିଛି ସାରା ରାଜ୍ୟରେ କୋଭିଡ୍ ହସ୍ପିଟାଲ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ଅଧିକ କୋଭିଡ୍ କେୟାର ସେଣ୍ଟର ସ୍ଥାପନ। ଯେତେଦୂର ସମ୍ଭବ ସର୍ବାଧିକ ସଂଖ୍ୟାରେ ଶଯ୍ୟା ଗୁଡିକରେ ଅକ୍ସିଜେନ୍ ବ୍ୟବସ୍ଥା ରଖାଯାଉ। ଅକ୍ସିଜେନ୍ ବ୍ୟବସ୍ଥାକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯାଉ। ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥାକୁ ଭଲ ଭାବରେ ତଦାରଖ କରାଯାଉ ଏବଂ ହସ୍ପିଟାଲ ଗୁଡିକରେ ଏଥିପାଇଁ ସମସ୍ତ ଆବଶ୍ୟକ ଉପକରଣକୁ ପ୍ରାଥମିକତା ଭିତ୍ତିରେ ଉପଲବ୍ଧ କରାଯାଉ। ଅନେକ ରାଜ୍ୟରେ ଔଷଧର ଅଭାବ ଦେଖାଦେଇଛି। ଯଦିଓ ବର୍ତ୍ତମାନ ଆମର ମେଡିସିନ୍ ଷ୍ଟକ୍ ଯଥେଷ୍ଟ ରହିଛି, ତଥାପି ଆଗକୁ ଅଧିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଔଷଧର ଏକ ବଫର ଷ୍ଟକ ରଖାଯାଉ। ଆଇଇସି ଅଭିଯାନରେ ଅଧିକ ଉନ୍ନତି ଅଣାଯିବା ଉପରେ ଗୁରୁତ୍ୱ ଦିଆଯାଉ। ଜନସାଧାରଣ ଦ୍ୱିତୀୟ ଲହରର ଭୟାବହତା ସମ୍ପର୍କରେ ସଚେତନ ହେବା ଜରୁରୀ ଏବଂ କୋଭିଡ୍ ନିୟମାବଳୀକୁ ମାନିବା କେତେ ଜରୁରୀ ସେ ସମ୍ପର୍କରେ ଅନୁଭବ କରିବା ଦରକାର। ଜନସାଧାରଣଙ୍କ ସହିତ ମିଶନ ଶକ୍ତି ଏବଂ ପଞ୍ଚାୟତିରାଜ ପ୍ରତିନିଧି ମାନଙ୍କୁ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯାଉ। ସେହିପରି ସମସ୍ତ କୋଭିଡ୍ ନିୟମାବଳୀ ଦୃଢ଼ ଭାବରେ ଲାଗୁ କରିବା କାର୍ଯ୍ୟକ୍ରମ ଜାରି ରହିବା ଜାରୁରୀ। ଅନ୍ୟ ରାଜ୍ୟରେ ଯେଉଁଠାରେ କୋଭିଡ୍ ପରିସ୍ଥିତି ସାଂଘାତିକ ରହିଛି, ସେଠାରୁ ପ୍ରବାସୀମାନେ ଆସିବାର ସମ୍ଭାବନା ଅଛି। ତେଣୁ ଏଥିପାଇଁ ଜିଲ୍ଲାପାଳମାନେ ପ୍ରସ୍ତୁତ ରହିବା ଆବଶ୍ୟକ। ପୂର୍ବରୁ ଯେଉଁ ପ୍ରୋଟୋକଲ୍ ଅନୁଯାୟୀ ପ୍ରବାସୀଙ୍କ ଆଗମନ ପରିଚାଳନା କରାଯାଉଥିଲା, ତାକୁ ବର୍ତ୍ତମାନର ଡାଟାବେସ୍ ଅନୁଯାୟୀ ପୁନର୍ବାର କାର୍ଯ୍ୟକାରୀ କରାଯାଉ। ପ୍ରବାସୀମାନଙ୍କ ପାଇଁ ଟେଷ୍ଟିଂ ଓ ସଙ୍ଗରୋଧର ବ୍ୟବସ୍ଥା ସୁନିଶ୍ଚିତ କରାଯାଉ। ଏଥିପାଇଁ ଯେଉଁ ବରିଷ୍ଠ ଅଧିକାରୀମାନେ ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି, ସେମାନେ ଓ ଅନ୍ୟ ଅଧିକାରୀମାନେ ଗତବର୍ଷ ଭଳି ଏ ବର୍ଷ ମଧ୍ୟ ସେମାନଙ୍କର ଶ୍ରେଷ୍ଠ ଉଦ୍ୟମ ଜାରି ରଖନ୍ତୁ। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ କୋଭିଡ୍ ମୁକାବିଲାକୁ ଜୋରଦାର କରାଯିବ। ମାସ୍କ ବ୍ୟବହାର ସହିତ ସମସ୍ତ କୋଭିଡ୍ ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର ବିଭିନ୍ନ ରାଜ୍ୟର ପରିସ୍ଥିତି ଓ ଓଡ଼ିଶାର ପରିସ୍ଥିତି ସମ୍ପର୍କରେ ଏକ ତୁଳନାତ୍ମକ ଉପସ୍ଥାପନା ପ୍ରଦାନ କରିଥିଲେ। ଦେଶର କୋଭିଡ୍ ପଜିଟିଭ ସଂଖ୍ୟାର ୧.୮୩ ପ୍ରତିଶତ ଏବେ ଓଡ଼ିଶାର ବୋଲି ସେ କହିଥିଲେ। ରାଜ୍ୟରେ ଏବେ ସୁସ୍ଥତା ହାର ୯୨.୧୦ ପ୍ରତିଶତ ରହିଛି। ବିଭିନ୍ନ ଜିଲ୍ଲା ମାନଙ୍କରେ କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ମୁଖ୍ୟତଃ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ।

## ଏଲ୍‌ଏଲ୍ ଓ ଡିଏଲ୍ ଟେଷ୍ଟ୍ ବାତିଲ



**ଭୁବନେଶ୍ୱର :** ବର୍ଦ୍ଧିତ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ସମସ୍ତ ଲର୍ଣ୍ଣର୍ସ ଲାଇସେନ୍ସ (ଏଲ୍‌ଏଲ) ଓ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଟେଷ୍ଟକୁ ବାତିଲ କରି ଦିଆଯାଇଛି। ଏପ୍ରିଲ୍ ୨୨ ତାରିଖ ଠାରୁ ରାଜ୍ୟରେ ଏଲ୍‌ଏଲ୍ ଓ ଡିଏଲ୍ ଟେଷ୍ଟ ହେବ ନାହିଁ ବୋଲି ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। କରୋନା ସଂକ୍ରମଣକୁ ରୋକିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ସମସ୍ତ ଆରଟିଓ ଗୁଡ଼ିକୁ ଏଲ୍‌ଏଲ୍ ଓ ଡିଏଲ୍ ଟେଷ୍ଟ୍ ବାତିଲ ସଂପର୍କିତ ସୂଚନା ଫେସ୍‌ବୁକ୍ ଓ ଟ୍ୱିଟରରେ ଶେଆର କରିବାକୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସମସ୍ତେ ଏନେଇ ଅବଗତ ହୋଇପାରିବେ। ଏସ୍‌ଟିଏ ପକ୍ଷରୁ ଏ ସଂପର୍କିତ ନିର୍ଦ୍ଦେଶନାମାକୁ ଟ୍ୱିଟ୍ ମଧ୍ୟ କରାଯାଇଛି।

### ସରକାରୀ ଓ ଘରୋଇ ହସ୍ପିଟାଲ ପାଇଁ ଗାଇଡଲାଇନ

# ହଟ୍‌ସ୍ପଟ୍ ନପାଲଟୁ ମେଡିକାଲ

**ଭୁବନେଶ୍ୱର :** ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ହସ୍ପିଟାଲ ପାଇଁ ଗାଇଡଲାଇନ ଜାରି କଲେ ରାଜ୍ୟ ସରକାର। ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲ ପାଇଁ ଜାରି ହୋଇଛି ଏହି ଗାଇଡଲାଇନ। ମେଡିକାଲ ଯେମିତି ହଟସ୍ପଟ ନପାଲଟିବ, ସେଥିପାଇଁ କଡ଼ା ତାଗିଦ କରାଯାଇଛି। ପ୍ରତ୍ୟେକ ହସ୍ପିଟାଲରେ ଅଲଗା ଜ୍ୱର ଓ ଆଇସୋଲେସନ କ୍ଲିନିକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ଆସୁଥିବା ସବୁ ଲୋକଙ୍କ ସ୍କ୍ରିନିଂ କରାଯିବାକୁ ନିର୍ଦ୍ଦେଶ। ଏହାଛଡ଼ା ପର୍ଯ୍ୟନ୍ତ ହାତଧୁଆ ବ୍ୟବସ୍ଥା ଓ ସାନିଟାଇଜର ରଖିବାକୁ ଗାଇଡ୍‌ଲାଇନ୍‌ରେ ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି। ସେହିପରି ହସ୍ପିଟାଲର କୌଣସି ସେକ୍ସନରୁ ପଜିଟିଭ ବାହାରିଲେ ତୁରନ୍ତ ବନ୍ଦ କରାଯିବ। ଉକ୍ତ ସେକ୍ସନର ଅନ୍ୟ ରୋଗୀଙ୍କୁ



ଅନ୍ୟତ୍ର ନିଆଯିବ, ରୁମ୍ ଖାଲି କରାଯିବ। ରୁମ୍ ସାନିଟାଇଜ କରାଯାଇ ୨୪ ଘଣ୍ଟା ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାରୁ ପ୍ରକାଶ, ମୟାନଗରୀ ମୁମ୍ବାଇ ଓ ଦେଶର ରାଜଧାନୀ ଦିଲ୍ଲୀରେ କରୋନା କାୟା ବିସ୍ତାର କରିଛି। ପ୍ରତିଦିନ ହଜାର ହଜାର ଲୋକ କରୋନାର ମାୟା ଜାଲରେ ଛନ୍ଦି ହୋଇପଡୁଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ମେଡିକାଲ୍‌ରେ ସ୍ଥାନ ମିଳୁନି। ଯାହାଫଳରେ କେଉଁଠି ରୋଗୀ ଗାଡ଼ି ଭିତରେ ତ ଆଉ କେଉଁଠି ରାସ୍ତା ପାର୍ଶ୍ୱରେ ଚିକିତ୍ସିତ ହେଉଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଓଡ଼ିଶା ପରି ରାଜ୍ୟରେ ଯେମିତି ଏମିତି ଚିତ୍ର ଦେଖିବାକୁ ନମିଳେ, ସେଥିପ୍ରତି ଧ୍ୟାନ ଦେବାକୁ ରାଜ୍ୟ ସରକାର ଆଜି ଏହି ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ହସ୍ପିଟାଲରେ ଅଲଗା ଜ୍ୱର ଓ ଆଇସୋଲେସନ କ୍ଲିନିକ ହେଲେ ଅନ୍ୟ ରୋଗରେ ଆକ୍ରାନ୍ତ ହେଉଥିବା ରୋଗୀମାନେ ଚିକିତ୍ସିତ ହୋଇପାରିବେ। ସେମାନଙ୍କ ଚିକିତ୍ସାରେ କୌଣସି ସମସ୍ୟା ଦେଖାଦେବନାହିଁ।

# ପଶ୍ଚିମବଙ୍ଗରୁ ଆସିଲେ ୧୪ଦିନ କ୍ୱାରେଣ୍ଟାଇନ୍

**ଭୁବନେଶ୍ୱର :** ପଶ୍ଚିମବଙ୍ଗରେ କରୋନାର ଟ୍ରିପଲ ମ୍ୟୁଟାଣ୍ଟ ଚିହ୍ନଟ ହେବା ପରେ ଓଡ଼ିଶା ସରକାର ଆଜି ନୂଆ କଟକଣା ଜାରି କରିଛନ୍ତି। ପଶ୍ଚିମବଙ୍ଗରୁ ଆସୁଥିବା ଯେକୌଣସି ଲୋକ ଓଡ଼ିଶା ଆସିଲେ ସେ ବାଧ୍ୟତାମୂଳକ ଭାବେ ୧୪ ଦିନିଆ କ୍ୱାରେଣ୍ଟାଇନରେ ରହିବେ। ବ୍ଲକରେ ବିଡିଓ ଓ ସହରାଞ୍ଚଳରେ କୌଣସି ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଆନୁଷ୍ଠାନିକ କ୍ଲଷ୍ଟର କ୍ୱାରେଣ୍ଟାଇନ ସେଣ୍ଟରରେ ରହିବେ। ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ପଶ୍ଚିମବଙ୍ଗରେ କରୋନାର ଟ୍ରିପଲ ମ୍ୟୁଟାଣ୍ଟ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଅଧିକ ସତର୍କତା ଅବଲମ୍ବନ କରିଛନ୍ତି। ପଶ୍ଚିମବଙ୍ଗ ସୀମାବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାପାଳମାନଙ୍କୁ ସମସ୍ତ ମାର୍ଗକୁ ତୁରନ୍ତ ସିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୀମାରେ ଯେପରି କୌଣସି ବି ମାର୍ଗରେ ପଶ୍ଚିମବଙ୍ଗରୁ



ଲୋକେ ଆସିନପାରିବେ ସେଥିପାଇଁ ଆବଶ୍ୟକ କଡାକଡି ପୋଲିସ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯଦି କେହି ପଶ୍ଚିମବଙ୍ଗରୁ ଦୁଇଚକିଆ, ଚାରି ଚକିଆ ଯାନରେ ଓଡ଼ିଶା ସୀମାରେ ପ୍ରବେଶ କରେ ତାଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ କ୍ଲଷ୍ଟର କ୍ୱାରେଣ୍ଟାଇନ ସେଣ୍ଟର (ଟିଏମ୍‌ସି)ରେ ବାଧ୍ୟତାମୂଳକ ଭାବେ ୧୪ଦିନ ରହିବାକୁ ପଡିବ। କ୍ଲକର ଟିଏମ୍‌ସିରେ ଆବଶ୍ୟକ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଲୋକମାନେ ପଶ୍ଚିମବଙ୍ଗରୁ ଅନ୍ୟ ରାଜ୍ୟ ଦେଇ ଓଡ଼ିଶା ଆସୁଥିବା ଲୋକଙ୍କୁ ମଧ୍ୟ ଓଡ଼ିଶାରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଯଦି କେହି ପଶ୍ଚିମବଙ୍ଗରୁ ଆସି କ୍ୱାରେଣ୍ଟାଇନରେ ନ ରହିଛି ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ଥାନୀୟ ଓ୍ୱାର୍ଡମେମ୍ବର, ସରପଞ୍ଚ ଓ ପଞ୍ଚାୟତିରାଜ ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିବା ସହ ସ୍ଥାନୀୟ ବିଡିଓ, ପୋଲିସ ଷ୍ଟେସନକୁ ଜଣାଇବାକୁ କୁହାଯାଇଛି। ଯେଉଁସବୁ ଯାତ୍ରୀ ବିମାନରେ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଓ ଝାରସୁଗୁଡା ବିମାନ ବନ୍ଦର ଦେଇ ଆସିବେ ସେମାନେ ୧୪ଦିନିଆ କ୍ୱାରେଣ୍ଟାଇନରେ ରହିବାକୁ ମଧ୍ୟ ବାଧ୍ୟ। ସେହିପରି ଯେଉଁ ବ୍ୟକ୍ତି ୨ଥର କୋଭିଡ୍ ଟିକା ଡୋଜ୍ ନେଇସାରିଛନ୍ତି ଅବା ୪୮ ଘଣ୍ଟା ମଧ୍ୟରେ ଆରଟିପିସିଆର ନେଗେଟିଭ୍ ରିପୋର୍ଟ ପାଇଥିବେ ସେମାନଙ୍କୁ ନିଜ ଘରେ ୧୪ଦିନିଆ କ୍ୱାରେଣ୍ଟାଇନରେ ରହିବାକୁ ଅନୁମତି ମିଳିବ। ଏହି ନିର୍ଦ୍ଦେଶନାମାକୁ ଯିଏ ଉଲ୍ଲଘଂନ କରିବ ସେମାନଙ୍କ ବିରୁଦ୍ଧରେ ମହାମାରୀ ଆଇନ-୧୮୯୭ ଓ ଆଇପିସିର ଅନ୍ୟ ଧାରାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ଦଶମ ପରୀକ୍ଷା ବାତିଲ

**ଭୁବନେଶ୍ୱର :** ସିବିଏସ୍‌ସି / ଆଇସିଏସ୍‌ସି ରାସ୍ତାରେ ଯାଇଛି ଗଣଶିକ୍ଷା ବିଭାଗ। ଶେଷରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବନ୍ଦ କରିବାକୁ ଗଣ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସୂଚନା ଦେଇ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି, ଏବେ ରାଜ୍ୟରେ କରୋନା ମହାମାରୀ ପିକ୍‌ରେ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ପକ୍ଷରୁ ଆସନ୍ତା ମାସ ୩ ତାରିଖରେ ହେବାକୁ ଥିବା ଦଶମ ଶ୍ରେଣୀ ପରୀକ୍ଷା ବାତିଲ ନେଇ ନିଷ୍ପତ୍ତି ନିଆଯାଇଛି। ଗ୍ରେଡେସନ ବା ମାର୍କ କିପରି ହେବ ତାହା ବୋର୍ଡ ନିର୍ଦ୍ଧାରିତ କରିବ। ଏହାବ୍ୟତୀତ ମନ୍ତ୍ରୀ କହିଛନ୍ତି, ଓଡ଼ିଶା ରାଜ୍ୟ ମାଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକୁ ବାତିଲ କରାଗଲା। ଏହି ବୋର୍ଡମାନଙ୍କ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ, ଛାତ୍ରାଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶିତ ହେବ। ଯେଉଁମାନେ ଅସହମତି ପ୍ରକାଶ କରିବେ, କୋଭିଡ ମହାମାରୀ ପ୍ରଶମିତ ହେବା ପରେ ବୋର୍ଡମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଦିବସରେ ପରୀକ୍ଷା ଦେଇପାରିବେ। ସୂଚନାଯୋଗ୍ୟ, ପରୀକ୍ଷା ବାତିଲ ଦାବିରେ ଗତକାଲି ନବୀନ ନିବାସ ଆଗରେ ଧାରଣା ଦେଇଥିଲେ ବହୁ ଛାତ୍ରଛାତ୍ରୀ। ଏହାପରେ ଆଜି ମଧ୍ୟ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ବାସଭବନ ଆଗରେ ଦଶମ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ଏପରିକି ଜିଲ୍ଲାପାଳଙ୍କ ବାସଭବନ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ବିଭିନ୍ନ ଆଡୁ ପ୍ରତିବାଦ ଆରମ୍ଭ ହେବା ପରେ ଆଜି ଏନେଇ ବଡ଼ ଘୋଷଣା କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ। ସୂଚନାଯୋଗ୍ୟ, ରେଗୁଲାର, ଏକ୍ସରେଗୁଲାର, ମଧ୍ୟମା ପିଲାଙ୍କୁ ମିଶାଇ ଚଳିତ ବର୍ଷ ୬ ଲକ୍ଷ ୪୭ ହଜାର ପିଲା ପରୀକ୍ଷା ଦେଇଥାନ୍ତେ। ଏଥିନିମନ୍ତେ ୩୩ଶହ କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଥିଲା। ପିଲାମାନେ ନିଜ କେନ୍ଦ୍ରରେ ପରୀକ୍ଷା ଦେଇଥାନ୍ତେ। ଦଶମ ଶ୍ରେଣୀ ପିଲାଙ୍କ ନିମନ୍ତେ ଜାନୁଆରୀ ୨୮ ତାରିଖରୁ ଏପ୍ରିଲ ୨୫ ପର୍ଯ୍ୟନ୍ତ ୧୦୦ ଦିନିଆ ପାଠପଢା ଚାଲିଥିଲା। ପରୀକ୍ଷା ନିମନ୍ତେ ପିଲାମାନଙ୍କୁ ପ୍ରସ୍ତୁତ କରାଯାଉଥିବା ବେଳେ ସେମାନେ ୮୦ ମାର୍କର ପରୀକ୍ଷା ଦେଇଥାନ୍ତେ। ମାତ୍ର ପୁଣିଥରେ କରୋନା ଲେଉଟିବାରୁ ଏପରି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର।

# ସରକାର ମଦ ବ୍ୟବସାୟ କ୍ଷେତ୍ରରେ ରାଜସ୍ୱ ବୃଦ୍ଧି ପାଇଁ ଜୁଆ ଖେଳିଲେ କି !

### ମଦ ଲାଇସେନ୍ସ ଦେବା ନାଁରେ ସରକାରଙ୍କ ଜୁଆ ଖେଳକୁ ନେଇ ସାଧାରଣରେ ପ୍ରଶ୍ନବାଚୀ

**ଭୁବନେଶ୍ୱର :** ଦୀର୍ଘ ୨୧ବର୍ଷ ଧରି ଶାସନ ଗାଦିରେ ବସିଥିବା ବିଜେଡି ସରକାର କୋଭିଡ ମହାମାରୀରେ ନିଜର ଆର୍ଥିକ ପରିସ୍ଥିତି କବଳରୁ ମୁକୁଳିବା ଲାଗି ମଦ ବ୍ୟବସାୟ ଉପରେ ପ୍ରଥମଥର ଉପରେ ଏକ ଜୁଆଖେଳ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ରାଜନୈତିକ ବଜାରରେ ନିଜର ସାମାନ୍ୟ ସୁଧାର ଆଣିପାରୁଥିବା ବେଳେ ମଦବ୍ୟବସାୟୀମାନଙ୍କ ରୋଷର ଶିକାର ହେବାକୁ ପଡିବ। ରାଜ୍ୟରେ ମଦ ଦୋକାନ ନିଲାମ କ୍ଷେତ୍ରରେ ଏହା ଏକ ବିରଳ ରେକର୍ଡ ସୃଷ୍ଟି କରିଥିଲେ ବି ମଦ ବ୍ୟବସାୟ ଉପରେ ନିର୍ଭର କରୁଥିବା ବହୁ ବ୍ୟବସାୟଙ୍କ ଠାରୁ ରାଜସ୍ୱ ଆଦାୟ କରୁଥିବାର ଏକ ଭୁଲ ପନ୍ଥା ଆରମ୍ଭ କରାଗଲା। ଆଗରୁ ମଦ ଦୋକାନ ଗୁଡିକର କେବଳ ଲାଇସେନ୍ସ ନବୀକରଣ କରାଯିବା ନିୟମ ରହୁଥିବା ବେଳେ ଚଳିତ ବର୍ଷଠାରୁ ଏଥିଲାଗି ସରକାର ପ୍ରଥମଥର ପାଇଁ ଲଟେରୀ ବ୍ୟବସ୍ଥାର ଆରମ୍ଭ କରିଛନ୍ତି। ଏହି ଲଟେରୀ ଘଟଣାରେ ମଦବ୍ୟବସାୟୀ ମାନେ ନିଜର ବେପାରକୁ ବଢ଼ାଇବା ପାଇଁ ଜଣେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ, ପୁଅ ଓ ଝିଅମାନଙ୍କ ନାମକୁ ନେଇ ଆବେଦନ କରିଥିବାର ଦେଖିବାକୁ ମିଳିଥିଲା। ଏହି ଲଟେରୀରେ ଭାଗନେଉଥିବା ଆବେଦନ କାରୀ ସେମାନଙ୍କର ଜମାରାଶି ଆଉ ପାଇପାରିନଥିବା ବେଳେ କେବଳ ଅମାନତ ଟଙ୍କା ଏକ ଲକ୍ଷ ଫେରିପାଇବାର ବ୍ୟବସ୍ଥା କରାଯାଇଛି। ଏହି ଲଟେରୀ ଦ୍ୱାରା ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ମିଳିଯିବ ହେଲେ ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମଦପ୍ୟମାନଙ୍କ ପାଇଁ ଭୁସ୍ୱର୍ଗ ପାଲଟିଯିବ। ଦୀର୍ଘବର୍ଷ ଧରି କେବଳ ନବୀକରଣ କରି ଅଫସପ୍, ଦେଶୀମଦଦୋକାନ ଓ ବିଅର ପାଲର ମାନ କରି ଫାଇଦା ଉଠାଉଥିବା ମଦ ବ୍ୟବସାୟୀଙ୍କ ଉପରେ ଲଗାମ ଲଗାଯିବାର ଏକ ବ୍ୟବସ୍ଥା କରାଯାଉଥିବାର ବୁଝା ପଡୁଛି। ଏହି ଲଟେରୀ ପ୍ରଚଳନ ଯୋଗୁଁ ବହୁ ପ୍ରତିକ୍ଷୀତ ମଦବ୍ୟବସାୟୀଙ୍କ ବ୍ୟବସାୟ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଏହି ଲଟେରୀ ଆବଣ୍ଟନ ଦ୍ୱାରା ମଦବ୍ୟବସାୟ କ୍ଷେତ୍ରରେ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇପାରେ ବୋଲି ଆର୍ଥିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। ଏହି ଲଟେରୀ ହବା ଦ୍ୱାରା ବହୁ ଅସାଧୁ ମଦମାଫିଆଙ୍କ ପାଇଁ କାଳ ପାଲଟିଯାଇଛି।

# ୫୦% କର୍ମଚାରୀଙ୍କୁ ନେଇ ଚାଲିବ ହାଇକୋର୍ଟ

**କଟକ :** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ହାଇକୋର୍ଟ ପକ୍ଷରୁ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ହାଇକୋର୍ଟ କାର୍ଯ୍ୟାଳୟରେ କାର୍ଯ୍ୟ ସଂପାଦନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ଏଥିପାଇଁ ସବୁ ବିଭାଗର



ଅଧୀକ୍ଷକ ପ୍ରତି କାର୍ଯ୍ୟଦିବସରେ ଦାୟିତ୍ୱ ବଣ୍ଟନର ଯୋଜନାବଦ୍ଧ ତାଲିକା ବ୍ୟବସ୍ଥା (ରୋଷ୍ଟର୍ ଆରେଞ୍ଜମେଣ୍ଟ) କରିବେ। ୫୦ ପ୍ରତିଶତ କର୍ମଚାରୀ ଯେପରି ସବୁ କାର୍ଯ୍ୟଦିବସରେ ଉପସ୍ଥିତ ରହିବେ ତାହା ସୁନିଶ୍ଚିତ କରାଯିବ। ପ୍ରତି ଏକାନ୍ତର କାର୍ଯ୍ୟଦିବସରେ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିବେୟ କର୍ମଚାରୀମାନେ ମୁଖ୍ୟାଳୟ ଛାଡିବେ ନାହିଁ। ଡ୍ୟୁଟି ନ ଥିବା ଦିନ କର୍ମଚାରୀମାନେ ପ୍ରସ୍ତୁତ ହୋଇ ରହିବେ। ସେମାନଙ୍କୁ ଯେକୌଣସି ସମୟରେ ଫୋନ୍ ଯୋଗେ ଡକାଯାଇପାରେ। କାର୍ଯ୍ୟଦିବସରେ ଯଦି ମୁଖ୍ୟାଳୟରେ ଜଣେ କର୍ମଚାରୀ ଅନୁପସ୍ଥିତ ରହିଥବା ଜଣାପଡ଼େ ତେବେ ଉକ୍ତ ଦିବସକୁ ତାଙ୍କର କାଜୁଆଲ ଲିଭ୍ ଭାବେ ଗ୍ରହଣ କରାଯିବ। ପ୍ରତ୍ୟେକ କାର୍ଯ୍ୟଦିବସରେ ମାମଲା ରୁଜୁ କରିବାର ସମୟ ଦିନ ୧୦ଟାରୁ ୧ଟା ୩୦ ମିନିଟ ଧାର୍ଯ୍ୟ କରାଯାଇଛି। ଏପରି ବ୍ୟବସ୍ଥା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଏଥିସହିତ ନିମ୍ନ ଅଦାଲତ ଓ ଟ୍ରିବ୍ୟୁନାଲ ପାଇଁ ମଧ୍ୟ ହାଇକୋର୍ଟ ପକ୍ଷରୁ ସାନି ନିର୍ଦ୍ଦେଶନାମା ଜାରି କରାଯାଇଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିୟମାବଳୀ ଅନୁସାରେ ପରିସ୍ଥିତିକୁ ବିଚାରକୁ ନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲା ଜଜ୍, ଟ୍ରିବ୍ୟୁନାଲର ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାସ୍ତା ବନୀକରଣ ନାଁରେ ବ୍ୟାପକ ଦୁର୍ନୀତି; ଚେଇଁ ଶୋଇଛି ବନ ବିଭାଗ

**ସୁବର୍ଣ୍ଣପୁର :** ଜଙ୍ଗଲ ବିଭାଗରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନିତି। ଗଛ ଲଗାଇବା ନାଁରେ ୨୨ ଲକ୍ଷ ଟଙ୍କା ଦୁର୍ନିତି ଅଭିଯୋଗ। ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଗଛ ଲଗାଇବା ନାଁରେ ୨୨ ଲକ୍ଷ ଟଙ୍କା ଚଳୁ କରିଛନ୍ତି ଜଙ୍ଗଲ ବିଭାଗ କର୍ମଚାରୀ। ଏମିତି ସାଙ୍ଘାତିକ ଅଭିଯୋଗ ଆସିଛି ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଅଂଚଳରେ। ୨୦୧୯ ମସିହାରେ ଲୁପୁରସିଂଘାରୁ ଖଲିଆପାଲି ପଥପାର୍ଶ୍ୱ ବନୀକରଣ କରାଯାଇଛି। ହେଲେ ବାସ୍ତବିକ ଗୋଟିଏ ବି ଗଛ ବର୍ତ୍ତମାନେ ରାସ୍ତା ପାର୍ଶ୍ୱରେ ଦେଖାଯାଉ ନାହଁ। ଗଛ ଲଗାଇବା ନାଁରେ ବ୍ୟାପକ ଦୁର୍ନିତି ହୋଇଥିବା ସାଧାରଣ ଲୋକ ଅଭିଯୋଗ କରି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ତେବେ ଭଲ କରି ଦେଖନ୍ତୁ ଏଇ ଚିତ୍ରକୁ। ଲାଗଛି ଫଳକ ଓଗୋଟି ଦିଟା ଦିଆଯାଇଛି ବାଡ କିନ୍ତୁ ବାଡ ଭିତର ଖାଲି। ଏ ଚିତ୍ର ହେଉଛି ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ଲଛିପୁର ପଞ୍ଚାୟତ ଲୁପୁରସିଂଘାରୁ ଖଲିଆପାଲି ରାସ୍ତା। ପ୍ରାୟ



୧୨ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି ଏହି ରାସ୍ତା। ୨୦୧୯ ମସିହାରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଇବା ପାଇଁ ସରକାର ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୨ଲକ୍ଷ ୯୩ହଜାର ୬ଶହ ଟଙ୍କାରେ ଆରମ୍ଭ କଲେ ପଥପାର୍ଶ୍ୱ ବନୀକରଣ। କାଁ ଭାଁ ଗୋଟିଏ ଦୁଇଟି ଗଛ କୁ ଛାଡିଦେଲେ ପୁରା ୧୨କିଲୋମିଟର ରାସ୍ତାରେ କୌଣସି ଜାଗାରେ ଦେଖାଯାଉନାହିଁ ନୂଆ ଗଛ। ଅଚଂଳବାସ ଏହି ଯୋଜନାରେ ବ୍ୟପକ ଦୁର୍ନିତି ହୋଇଥିବା ଅଭିଯୋଗ କରି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରି ଦୋଷୀ ବନକାମର୍ମୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାସ୍ତାକଡରେ ଛାଇ ତଥା ପରିବେଷ ସୁରକ୍ଷା ପାଇଁ ସରକାର ପଥପାର୍ଶ୍ୱ ବନୀକରଣ ଯୋଜନା କରି ପ୍ରତିବର୍ଷ ଗଛ ଲଗାଇବା ପାଇଁ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ସୁବର୍ଣ୍ଣପୁର ଜିଲ୍ଲାରେ କିନ୍ତୁ ଦେଖିବାକୁ ମିଳିଛି ଏଥିରେ ବ୍ୟତିକ୍ରମ। କେତେକ ଲାଭଖୋର ମନୋବୃତ୍ତିର କର୍ମଚାରୀମାନଙ୍କ ପାଇଁ ସରକରୀ ଯୋଜନା କନ୍ତୁ ଫେଲ ମାରୁଛି। ଲୁପୁରସିଂଘାରୁ ଖଲିଆପାଲି ରାସ୍ତାକୁ ଦେଖିଲେ ସ୍ପଷ୍ଟ ଜଣା ପଡୁଛି ସରକାରୀ ଯୋଜନା କେତେ ସଫଳ। ଖାଲି ଏହି ରାସ୍ତାକଡ ନୁହେଁ ଜିଲ୍ଲାର ଅନେକ ରାସ୍ତା କଡରେ ପଥପାର୍ଶ୍ୱ ବନୀକରଣ ଫେଲ ମାରିଥିବା ଅଭିଯୋଗ କରିଛନ୍ତି ସାଧାରଣ ଜନତା। ଅପରପକ୍ଷରେ ଅତି ହାଲୁକା ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ କହିଛନ୍ତି ଯେ ଲୋକମାନେ ଗଛର ସୁରକ୍ଷା କରୁନାହାନ୍ତି ସେଥିପାଇଁ ସରକାରୀ ଯୋଜନା ଫେଲମାରୁଛି। ଯଦି ସାଧାରଣ ଜନତାଙ୍କ କାମ ଗଛର ରକ୍ଷା ତେବେ ବନ କର୍ମଚାରୀଙ୍କ କାମ କଣ ତାହା ଏବେ ସୃଷ୍ଟି କରୁଛି ପ୍ରଶ୍ନବାଚୀ। ତେବେ ଏଠି ପ୍ରଶ୍ନଉଠେ ରକ୍ଷକ ଯଦି ଭକ୍ଷକ ହୁଏ ତେବେ ଗୁହାରୀ କରିବେ କାହାକୁ। ଏହି ପଂକ୍ତିଟିକୁ ଯେପରି ଶତପ୍ରଶତ ସତ କରି ଦେଖାଇଛି ସୁବର୍ଣ୍ଣପୁର ଜିଲ୍ଲା ବନ ବିଭାଗ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ଏପ୍ରିଲ - ୦୨ ମଇ, ୨୦୨୧

# ପୁଣି ସେଇ ଆଶଙ୍କା, ସେଇ ଭୟ

ଗୋଟିଏ ବର୍ଷରୁ ଉର୍ଦ୍ଧ୍ୱ ହେବ କରୋନା ମହାମାରୀ ଏଭଳି ଅଘଟଣ ଘଟାଇ ଚାଲିଛି, ଯାହାକୁ ନେଇ ଚିନ୍ତା ବଢ଼ିବା ସ୍ୱାଭାବିକ। କାରଣ ପ୍ରଥମ ଲହର ଅପେକ୍ଷା ବର୍ତ୍ତମାନର ଦ୍ୱିତୀୟ ଲହର ଅଧିକ ଆତଙ୍କ ଖେଳାଇଛି। ଏହାର ମୂଳ କାରଣ ହେଉଛି କରୋନା ଭୂତାଣୁର ଦ୍ରୁତ ସଂକ୍ରମଣ। ପୂର୍ବାପେକ୍ଷା ପଜିଟିଭ ହାର ବୃଦ୍ଧି ପାଉଥିବା କାରଣରୁ ପରିସ୍ଥିତି ଉଦ୍‌ବେଗଜନକ ହୋଇପଡୁଛି। ପାଞ୍ଚ ଦିନରେ ସଂକ୍ରମଣ ଦୁଇଗୁଣା ହେବା କାରଣରୁ ଚିନ୍ତା ବଢ଼ିଚାଲିଛି। ଯଦିଓ ପ୍ରତ୍ୟେକ ରାଜ୍ୟରେ ଦ୍ରୁତ ଟିକାକରଣ ଚାଲିଛି ତଥାପି ଏହା ଜନସଂଖ୍ୟା ଆଧାରରେ ପର୍ଯ୍ୟାପ୍ତ ନୁହେଁ। ତେଣୁ ବର୍ତ୍ତମାନର ଚିତ୍ରକୁ ଦେଖିଲେ ପରିସ୍ଥିତି କିଭଳି ଏହା ସହଜରେ ଅନୁମାନ ଲଗାଇ ହେବ। ପୁଣି ସଙ୍ଗରୋଧ, ମାସ୍କ ଓ ସାମାଜିକ ଦୂରତା ସହ ବାରମ୍ବାର ସାବୁନରେ ହାତ ଧୋଇବା ଓ ସାନିଟାଇଜର ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷେ ଦେଶର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଗମ୍ଭୀର ରହିଥିଲା ବେଳେ ହସ୍ପିଟାଲରେ ଚିକିତ୍ସା ସୁବିଧାରେ ତ୍ରୁଟି ବା ଅସୁବିଧା ଥିବା ସାମ୍ନାକୁ ଆସୁଛି। ଦୈନିକ ସଂକ୍ରମଣ ବୃଦ୍ଧି ସହ ଏଥିରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। କେତେକ ରାଜ୍ୟରେ କରୋନାର ମୃତ୍ୟୁ ହେଲେ ଶବ ଦାହ ସମସ୍ୟା ଉତ୍ପନ୍ନ ହେଉଥିବା ନେଇ ଯେଉଁ ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସୁଛି, ତାହା ନିଶ୍ଚୟ ବିଦାରକ। ବର୍ତ୍ତମାନ ପରିସ୍ଥିତିରେ ହସ୍ପିଟାଲ ଗୁଡିକରେ ଆଇସିୟୁ ବେଡ ଓ ଅକ୍ସିଜେନକୁ ନେଇ ସଙ୍କଟ ଦେଖାଦେଲାଣି। କରୋନା ସଂକ୍ରମଣର ମହାସଙ୍କଟ ଭିତରେ ଦେଶବ୍ୟାପୀ ବିଭିନ୍ନ ହସ୍ପିଟାଲରେ ଅକ୍ସିଜେନ ଅଭାବ ହାହାକାର ସୃଷ୍ଟି କଲାଣି। ବିଶେଷକରି ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ଏହି ସଙ୍କଟ ଅଧିକ ବୋଲି ଜଣାପଡିଛି। ସେହିଭଳି ମହାରାଷ୍ଟ୍ରରେ କରୋନା ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଗଲାଣି। କେନ୍ଦ୍ର ସରକାର ଅକ୍ସିଜେନ ସଙ୍କଟ ଦୂର କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଯେତିକି ଅଞ୍ଚଳକୁ ଅକ୍ସିଜେନ ପଠାଯାଉଛି, ତାହା ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ଏପଟେ ଆମ ରାଜ୍ୟରେ ସଙ୍କଟ ଅଧିକ ହୋଇନଥିଲା ବେଳେ କୋଭିଡ ପରିଚାଳନାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ରାଜ୍ୟ ବିଜେପିର ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର କୋଭିଡ୍ ପରିଚାଳନାକୁ ଅତ୍ୟନ୍ତ ହାଲୁକା ଭାବେ ନେଇଛନ୍ତି। ଜବାବରେ ବିଜେଡି କହିଛି, ବିଜେପି କରୋନାକୁ ନେଇ ହୀନ ରାଜନୀତି କରୁଛି। ସେ ଯାହାବି ହେଉ, କରୋନ ଭୂତାଣୁକୁ ନେଇ ନୂଆନୂଆ ତଥ୍ୟ ସାମ୍ନାକୁ ଆସିଲାଣି। କେତେବେଳେ ଡବଲ ମ୍ୟୁଟାଣ୍ଟ ତ ଟ୍ରିପଲ ମ୍ୟୁଟାଣ୍ଟ ଷ୍ଟ୍ରେନ ଏହି ଟ୍ରିପଲ ମ୍ୟୁଟାଣ୍ଟ ଭାଇରସ ବେଙ୍ଗଲ ଭାଇରସ ଭାବେ ଚର୍ଚ୍ଚାକୁ ଆସିଛି, ଯାହା ଅତ୍ୟଧିକ ଭୟଙ୍କର ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦେଶରେ କୋଭିଡ ସଂକ୍ରମଣ ସାଂଘାତିକ ସ୍ଥିତିରେ ବୋଲି ଜଣାପଡିଛି। ଯେଉଁଥିପାଇଁ ସମସ୍ତ ରାଜ୍ୟ ପ୍ରସ୍ତୁତ ରହି ଧୈର୍ଯ୍ୟର ସହ କାର୍ଯ୍ୟ କରିବାର ଆବଶ୍ୟକ ପଡୁଛି। କୋଭିଡ ମୁକାବିଲାରେ କେନ୍ଦ୍ର ସହିତ ଓଡ଼ିଶା ସରକାର ଅନ୍ୟ ରାଜ୍ୟକୁ ସହଯୋଗର ହାତ ବଢ଼ାଇ ଉଦାହରଣ ସୃଷ୍ଟି କରିଛି। ଏହି ଜରୁରୀ ସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀକୁ ଅକ୍ସିଜେନ ଯୋଗାଇଦେବେ ବୋଲି କହିଛନ୍ତି। ବାସ୍ତବରେ ବିପଦ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ବୋଲି କୁହାଯାଏ। ତାହା ପ୍ରମାଣିତ କରିଛନ୍ତି ନବୀନ। ଅନ୍ୟପକ୍ଷରେ ଦେଶରେ କୋଭିଡ ସଂକ୍ରମଣ ବଢୁଥିବା ପରିପ୍ରେକ୍ଷୀରେ ଔଷଧ, ଅକ୍ସିଜେନ ଅଭାବକୁ ନେଇ ଆଶଙ୍କା ଦେଖାଦେଲାଣି। ଯାହାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କରୋନାର ଟ୍ରିପଲ ମ୍ୟୁଟାଣ୍ଟ ଭାଇରସ ଦେଶ ପାଇଁ ଚିନ୍ତାର କାରଣ ପାଲଟିଛି। କରୋନାର ଦ୍ୱିତୀୟ ଲହରକୁ କିଭଳି ମୁକାବିଲା କରାଯାଇପାରିବ ତାହା ଏବେ ଚିନ୍ତାର ବିଷୟ। ଦ୍ୱିତୀୟ ଲହରରେ ୧୮ ରୁ ୪୫ ବର୍ଷ ସୁପର ସ୍ପ୍ରେଡର ଗୃହ ହିଁ ମୁଖ୍ୟ ସଂକ୍ରମିତ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଯେ, ଦ୍ୱିତୀୟ ଲହରର ଭୂତାଣୁ ଏତେ ଶକ୍ତିଶାଳୀ ଯେ, ପରିବାରର ଜଣେ ସଂକ୍ରମିତ ହେଲେ, ଅନ୍ୟ ସମସ୍ତେ ଏଥିରେ ପୀଡିତ ହେଉଛନ୍ତି। ତେଣୁ ଆପଣ ଯଦି ଜଣେ ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କରେ ୧୫ ମିନିଟ୍‌ରୁ ଅଧିକ ରହିବେ, ତେବେ ନିଜେ ସଂକ୍ରମଣର ଶିକାର ହୋଇଯିବେ। ତେଣୁ ଏଥିପାଇଁ ଦାୟିତ୍ୱହୀନ ମନୋଭାବରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଦରକାର। ଏଭଳି ପରିସ୍ଥିତିରେ ବ୍ରେକିଙ୍ଗ ଓ ଚାଞ୍ଚଲ୍ୟ ସୃଷ୍ଟିକାରୀ ନ୍ୟୁଜରୁ ଦୂରେଇ ରହିବା ଉଚିତ୍।

**ସମ୍ପାଦକୀୟ**

**ତାରକ ମହାନ୍ତି**



କୋଭିଡ ସ୍ଥିତି ଯେତିକି ଜଟିଳ ହେଉଛି ଅକ୍ସିଜେନ ସମସ୍ୟା ସେତେ ଉତ୍କଟ ହେବାରେ ଲାଗିଛି। ଏହାକୁ ନେଇ ଅଧିକ ସଂକ୍ରମିତ ଥିବା ରାଜ୍ୟରେ ଆତଙ୍କ ମଧ୍ୟ ଖେଳିଗଲାଣି। ଏଭଳି ସମୟରେ ଓଡ଼ିଶା ସରକାର ବିଭିନ୍ନ ରାଜ୍ୟକୁ ସହଯୋଗର ହାତ ବଢ଼ାଇଛନ୍ତି ଦିଲ୍ଲୀ, ମହାରାଷ୍ଟ୍ର, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ବିହାରକୁ ଅକ୍ସିଜେନ ପଠାଇବା ଆରମ୍ଭ କରିଛି ଓଡ଼ିଶା। କରୋନାକୁ ନେଇ ରାଜ୍ୟ ସରକାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ରାଜ୍ୟରେ ଥିବା ସରକାରୀ ଓ ଘରୋଇ କୋଭିଡ୍ ହସ୍ପିଟାଲ ଗୁଡିକରେ କୋଭିଡ୍ ରୋଗୀଙ୍କ ସମ୍ପର୍କରେ ତଥ୍ୟ ଦେବା ସହିତ ସେମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ହେଲ୍‌ପ ଡେସ୍କ ବାଧ୍ୟତାମୂଳକ କରାଯାଇଛି। ନିର୍ଦ୍ଦେଶନାମା ଅନୁସାରେ ହେଲ୍‌ପ ଡେସ୍କ ପାଇଁ ଏକ ଟୋଲ ଫ୍ରି' ନମ୍ବର ଜାରି କରିବାକୁ ମଧ୍ୟ କୁହାଯାଇଛି। ଏହି ହେଲ୍‌ପ ଡେସ୍କ ଯେପରି ୨୪ଘଣ୍ଟା କାର୍ଯ୍ୟ କରିବ ତା' ଉପରେ ମଧ୍ୟ ଗୁରୁତ୍ୱ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ରାଜ୍ୟରେ ଏବେ ଦ୍ୱିତୀୟ ଲହରରେ ସଂକ୍ରମଣ ଦ୍ରୁତ ରହିଥିବା ବେଳେ ପରିସ୍ଥିତିକୁ ଦେଖି କୋଭିଡ୍ ନମୁନା ପରୀକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରି ଅଧିକ ଘରୋଇ ଲ୍ୟାବକୁ ସାମିଲ କରିବାର ଯୋଜନା କରାଯାଇଛି। ଅନ୍ୟପକ୍ଷରେ ଦେଶରେ ଲଗାତାର ୪ଦିନ ଧରି ୩ଲକ୍ଷରୁ ଅଧିକ ସଂକ୍ରମଣ ମାମଲା ସାମ୍ନାକୁ ଆସୁଛି। ଦେଶରେ କୋଭିଡ୍-୧୯ ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବାଧିକ ପ୍ରଭାବିତ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମୁଖ୍ୟମନ୍ତ୍ରୀ ମାନଙ୍କ ସହିତ ବୈଠକ ମଧ୍ୟ କରିଛନ୍ତି। ତେବେ ଭାରତ ଏବେ ଦ୍ୱିତୀୟ ଲହର ସଂକ୍ରମଣର ମଧ୍ୟଭାଗରେ ରହିଛି। ବ୍ରାଜିଲକୁ ଟପି ଭାରତ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ରାଷ୍ଟ୍ର ପାଲଟିଥିବା ବେଳେ ଦ୍ୱିତୀୟ ଲହର ସଂକ୍ରମଣ ଦେଶରେ ଅତି ବିପଦଜନକ ସ୍ଥିତି ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଟ୍ରିପଲ ମ୍ୟୁଟାଣ୍ଟ ଷ୍ଟ୍ରେନ୍ ତଥା ବେଙ୍ଗଲ ଷ୍ଟ୍ରେନ୍ ସମସ୍ତଙ୍କ ପାଇଁ ନୂଆ ଚିନ୍ତାର କାରଣ ପାଲଟିଛି। ଡବଲ ମ୍ୟୁଟାଣ୍ଟ ଅପେକ୍ଷା ଟ୍ରିପଲ ମ୍ୟୁଟାଣ୍ଟ ଅଧିକ ସଂକ୍ରାମକ ହୋଇଥିବାରୁ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଦେଖାଦେଲାଣି। କାରଣ ଟିକା ନେଇଥିବା ଲୋକଙ୍କୁ ମଧ୍ୟ ଟ୍ରିପଲ ମ୍ୟୁଟାଣ୍ଟ ସହଜରେ ସଂକ୍ରମିତ କରିପାରୁଥିବା ଜଣାପଡିଛି। ଏହାରି ମଧ୍ୟରେ କୋଭିଡ୍ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧର କଳା ବଜାର ବଢ଼ିଚାଲିଥିବା ତଥ୍ୟ ସାମ୍ନାକୁ ଆସିଛି। କରୋନାର ଦ୍ୱିତୀୟ ଲହର ଭୟାନକ ହେଉଥିବା ବେଳେ କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ଖାଦ୍ୟ ଚିନ୍ତା କରିବା ଉଲ୍ଲେଖନୀୟ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୃତ୍ୟୁର କରାଳ ଛାୟାରେ ପୃଥିବୀ



ଡ. ମୌସୁମୀ ପରିଡା

ପ୍ରଥମ ପର୍ଯ୍ୟାୟର କରୋନା ସଂକ୍ରମଣ ଥମିଆସୁଥିବାବେଳେ ପୁଣି ଦ୍ୱିତୀୟ ପର୍ଯ୍ୟାୟର କରାଳ ଲହର ଆମକୁ ଦୋହଲାଇଦେଇଛି। ଅବଶ୍ୟ ଏହା ହଠାତ୍ ସୃଷ୍ଟିହୋଇ ଆମକୁ ବିପର୍ଯ୍ୟସ୍ତ କରିନାହିଁ। ଏହାର ଭୟଙ୍କର ରୂପ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡକୁ ବିପର୍ଯ୍ୟସ୍ତ କରିଥିବାବେଳେ ଆମମାନଙ୍କ ଭିତରେ ଏ ରୋଗଭୟ ଶୀଥିଳ ପ୍ରାୟ ହୋଇଆସିଥିଲା। ନା ଆମେ ସାମାଜିକ ଦୂରତା ରକ୍ଷା କରୁଥିଲୁ ନା ମାସ୍କ ପିନ୍ଧୁଥିଲୁ। ସେଠାରେ ସ୍ଥିତି ଖରାପ ହୋଇ ଆମପାଇଁ ସତର୍କ ଘଂଟି ବାଜିବା ପରେ ବି ଆମେ ସଚେତନ ହୋଇପାରିଲୁନାହିଁ। ଫଳରେ ଆମେ ବର୍ତ୍ତମାନ ସଂକ୍ରମଣରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛେ।

ଏ ଦ୍ୱିତୀୟ ଲହରଟି ପ୍ରଥମେ କେରଳ ଓ ମହାରାଷ୍ଟ୍ରକୁ ଆସିଲା ଯାହା ଅଧିକ ପରିମାଣରେ ସଂକ୍ରାମକ, ମାରାତ୍ମକ। ଯଦିଓ ଲକ୍ଷଣ ଏତେ ତୀବ୍ର ନୁହେଁ କିନ୍ତୁ ମୃତ୍ୟୁହାର ଅଧିକ। ଅନେକ ସ୍ଥାନରେ ବ୍ୟକ୍ତିର ଲକ୍ଷଣ ନଥାଇ ମଧ୍ୟ କରୋନା ସଂକ୍ରମିତ ବୋଲି ଜଣାପଡୁଛି। ସବୁଠୁ ଚିନ୍ତାର କଥା ଯେ ଏହା ଯୁବପିଢୀକୁ ବେଶି ଆକ୍ରାନ୍ତ କରୁଛି। ଏଭଳି ସ୍ଥିତିରେ ଭାରତର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି। କୁଢକୁଢ ଶବ ସତ୍କାର ହୋଇନପାରି ପଡିରହିଥିବାର ମର୍ମନ୍ତୁଦ ଦୃଶ୍ୟ ଛାତି ଥରାଇ ଦେଉଛି।

ତେବେ ବି କଟକଣା ମାନୁନାହାନ୍ତି ଅଶୀ ପ୍ରତିଶତ ଲୋକେ ଯଦିଓ ଅଳ୍ପବହୁତେ ସମସ୍ତେ ଜାଣନ୍ତି ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟଟି ଉଗ୍ରତର ତଥା ଦ୍ରୁତତର। ସେଥିପାଇଁ ପୁଣିଥରେ ଦେଶର ଅର୍ଥନୀତି ଭୁଷୁଡିପଡିଛି। ଏପଟେ ଜୀବନ ଜୀବିକା ବଂଚେଇବାକୁ ଯାଇ ଆକ୍ରାନ୍ତଙ୍କ ହାର ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶଙ୍କ ଭିତରେ ସଚେତନତା ନାହିଁ। ଏବେ ବି ଲୋକେ ସାମାଜିକ ଦୂରତା ଭୁଲି ବିନା ମାସ୍କରେ ଗହଳି କରୁଛନ୍ତି, କାରଣ ନଥାଇ ଏଣେତେଣେ ବୁଲାବୁଲି କରୁଛନ୍ତି।

ପ୍ରଥମ ଥର କୋଭିଡ୍‌ରେ ପ୍ରବାସୀମାନେ ଚିନ୍ତା ବଢେଇଥିଲେ, ଏଥି କିନ୍ତୁ ପଡୋଶୀ ରାଜ୍ୟ ଛତିଶଗଡ ଚିନ୍ତାର କାରଣ ବନିଲା। ମୁଖ୍ୟତଃ ସେଠାରେ ହୋଇଥିବା କ୍ରିକେଟ୍ ଖେଳ ଓ ଜୀବନଜୀବିକା ପାଇଁ ନିୟମିତ ଯାତାୟାତ କରୁଥିବା ଲୋକେ ରୋଗର ବାହକ ହେଲେ। ସେତେବେଳେ ଏହାର ପ୍ରତିକାର ବ୍ୟବସ୍ଥା କରିଥିଲେ ବର୍ତ୍ତମାନ ଏତେ ଗୁରୁତର ହୋଇନଥାନ୍ତା ଆମ ରାଜ୍ୟର ସ୍ଥିତି। କଥା ହେଉଛି ସମସ୍ୟା ବୃହତ୍ ହେଲା ପରେ ଯାଇ ଆମେ ହେଜୁଛେ। ସରକାର ପ୍ରତିରୋଧ କଲେ ଦୋଷୀ, ନକଲେ ବି ଦୋଷୀ! କିନ୍ତୁ ଆମେ ଜନସାଧାରଣ ହିସାବରେ କରୁଛେ କଣ! ଏଇଟା ମୁଖ୍ୟ ପ୍ରଶ୍ନ।

ଆମକୁ ନିଜ ନିରାପତ୍ତା ପାଇଁ କଣ ସରକାର କହିବେ? ଆମର କଣ ନିଜ ପ୍ରତି ଓ ନିଜ ପରିବାର ପ୍ରତି କୌଣସି କର୍ତ୍ତବ୍ୟ ନାହିଁ? ସରକାର ଯେମିତି ଏତେ ପ୍ରକାରର ଯୋଜନା କରିଆସିଛନ୍ତି, ସେମିତି ଖାଲି ଯୋଜନା କରିଚାଲିଥିବେ! ଆମେ ସେ ବାହାନାରେ ନିଜର କର୍ତ୍ତବ୍ୟକୁ ମଧ୍ୟ କରିବାକୁ ଅନାଗ୍ରହ ପ୍ରକାଶ କରିବା? ଖାଦ୍ୟ ବନେଇ ପାଟିକୁ ଦେଲେ ଯଦି ତାକୁ ଢୋକିବା କାମଟି ଆମେ ନକରି ଥୁ ଥୁ କରି ବାହାରକୁ ଫିଙ୍ଗିବା ଓ ଅନ୍ୟକୁ ଦୋଷ ଦେଇ ମୁକୁଳିଯିବା, ସେଥିରେ କାହାର ସ୍ୱାର୍ଥ କିମ୍ବା ଉଦ୍ଦେଶ୍ୟ ସାଧିତ ହେବନାହିଁ। ଓଲଟା ନିୟନ୍ତ୍ରଣ ବାହାରକୁ ଚାଲିଯିବ ସ୍ଥିତି। ସେତେବେଳେ ପ୍ରଶାସନ ବି କିଛି କରିପାରିବେ ନାହିଁ।

କରୋନାରୁ ମୁକୁଳିବାକୁ ହେଲେ ପ୍ରଥମେ ଆମମାନଙ୍କୁ ହିଁ ଦାୟିତ୍ୱବାନ୍ ହେବାକୁ ପଡିବ। ରୋଗ ହେଲେ ସିନା ସୁସ୍ଥ ହେବାର ଚିନ୍ତା ରହିବ, କାଦୁଅ ଫିଙ୍ଗାଫିଙ୍ଗି ହେବେ ସମସ୍ତେ। ରୋଗ ତ ପୁଣି କୋଉ ସ୍ରୋତରୁ ଆମେ ବହନ କରିଥିବା। ତେଣୁ ଆମକୁ ଆମେ ନିଜେ ହିଁ ରକ୍ଷା କରିପାରିବା। ପ୍ରଥମ କର୍ତ୍ତବ୍ୟ ଆମର। ତା ପରେ ଅନ୍ୟମାନଙ୍କର। ଏବେ ଦିନକୁ ଦୁଇଲକ୍ଷଯାଏଁ ସଂକ୍ରମଣ ବୃଦ୍ଧି ପାଇବାରୁ ସାମାଜିକ କଟକଣାକୁ ଗୁରୁତ୍ୱ ଦିଆଯିବା ସ୍ୱାଭାବିକ। ସେଥିପାଇଁ ପ୍ରଶାସନକୁ ଦୋଷ ଦେବା ହାସ୍ୟାସ୍ପଦ। ଲୋକମାନେ ଯଦି ନିଜ ସୁରକ୍ଷା ନିଜେ ନନେଇ ଖାଲି ପ୍ରଶାସନର ହାତଟେକାକୁ ଚାହିଁ ବସିବେ ତେବେ ସ୍ଥିତି ଗୁରୁତର ହେବା ସ୍ୱାଭାବିକ।

କରୋନାର ଦୁଃସ୍ଥିତି ଓ ତାର ପ୍ରତିକାରକୁ ନେଇ ଦିଆଯାଉଥିବା ସଚେତନ ବାର୍ତ୍ତାକୁ ବେପରୁଆ ହୋଇ ନମାନିବା ପରିତାପର ବିଷୟ। ଯାହାଫଳରେ ସ୍ଥିତି ବିଗିଡିଚାଲିଛି। ପ୍ରବାସୀମାନେ ରାଜ୍ୟକୁ ଆସିସାରିଲେଣି। ସେମିତି କିଛି ଥଇଥାନ ବ୍ୟବସ୍ଥା ହୋଇନାହିଁ। ପୂର୍ବଥର ତ ପ୍ରବାସୀମାନେ କଟକଣା ନମାନି ସଂଗରୋଧ ଛାଡି ବୁଲୁଥିଲେ ବାହାରେ, ଏଥର ସେ ବ୍ୟବସ୍ଥା ବି କଡାକଡି ଭାବେ ପାଳିତ ହେଉନାହିଁ। ସେମିତି ଧାର୍ମିକ ଅନୁଷ୍ଠାନ ଚାଲିଛି, ମେଳା ମହୋତ୍ସବ, ସଂକୀର୍ତ୍ତନ ସବୁ। ଅବଶ୍ୟ କଟକଣା ପରେ ଏସବୁ ଥମିବ। ଧର୍ମାନୁଷ୍ଠାନଗୁଡିକ ବନ୍ଦ ହୋଇନାହିଁ। ଜୀବନଜୀବିକାକୁ ବଂଚେଇବାକୁ ଯାଇ ପ୍ରଶାସନ ବି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ।

ଏ ସ୍ଥିତିରେ ଦ୍ୱିତୀୟ ଲହରଟି ଏତେ ଶକ୍ତିଶାଳୀ ଯେ ଟିକା ନେଇ ମଧ୍ୟ ରୋଗ ହୋଇପାରେ। ଉଦାହରଣ ସ୍ୱରୂପ ଲଖନଉର ଗୋମତି ନଗରରେ ରହୁଥିବା ଡାକ୍ତର ଦଂପତ୍ତି କୋଭିଡ୍ ଟିକାର ଦୁଇଟି ଡୋଜ୍ ନେବାପରେ ବି କୋଭିଡ୍ ସଂକ୍ରମଣର ଶିକାର ହୋଇଥିଲେ। ସେହିପରି ଦିଲ୍ଲୀର ସାର୍ ଗଙ୍ଗାରାମ୍ ହସ୍ପିଟାଲ୍ ଯେଉଁଠି ସଇଁତିରିଶ୍ ଜଣ ଡାକ୍ତର ପୂର୍ବରୁ ଟିକା ନେଇଥିଲେ ସେମାନେ କୋଭିଡ୍ ସଂକ୍ରମିତ ବୋଲି ଚିହ୍ନଟ ହୋଇଥିଲେ। ସେମାନଙ୍କ ଭିତରୁ ଅଧିକାଂଶ ଡାକ୍ତର ଟିକାର ପୁରା ଡୋଜ୍ ନେଇସାରିଥିଲେ।

ଏତେ ସବୁ ପରେ ବି ଏଭଳି ଦୁଃସ୍ଥିତିରେ ଆମେ କେତେ ବେଫିକର ଏ ରୋଗର ପରିଣାମକୁ ନେଇ! ମନ ଓ ଆଚରଣରେ ସେପରି ବ୍ୟତିବ୍ୟସ୍ତତା ନାହିଁ ଯାହା ଏବେକରେ ଦେଖାଯିବା କଥା। ଓଲଟା କଟକଣା ହେଲେ ପ୍ରଶାସନକୁ ନିନ୍ଦା କରିବା ବ୍ୟତିତ ଅନ୍ୟ କିଛି କରନ୍ତିନି ଲୋକେ। ସାମ୍ନା ଲୋକଟି ମାସ୍କ ପିନ୍ଧିନଥିଲେ ତାକୁ ସଚେତନ କରିବା କଥା, ସାମାଜିକ ଦୂରତା ରକ୍ଷା ପାଇଁ ଅନ୍ୟମାନଙ୍କୁ ପ୍ରେରିତ କରିବା କଥା। ଅଥଚ ଆମେ ନିଜେ ଯାହା ମାନୁନାହେଁ ତାହା ଅନ୍ୟକୁ କେମିତି କହିବା! ସେତିକି ସଚେତନତା ଥିଲେ ସଂକ୍ରମଣ କଣ ବୃଦ୍ଧି ପାଉଥାନ୍ତା? ଦୁଃଖ ଓ ପରିତାପର ବିଷୟ ସବୁକଥାକୁ ରାଜନୀତିକ ରଂଗ ଦେଇ ଘଟଣାର ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅବହେଳା କରିବା ଅନେକଙ୍କ ରୁଗ୍‌ଣ ମାନସିକତା ହୋଇଯାଇଛି ଆଜିକାଲି।

ମହାରାଷ୍ଟ୍ର ସରକାର ଏବେ କର୍ଫ୍ୟୁ ଲାଗୁକରି, କେନ୍ଦ୍ର ସହାୟତା ଲୋଡିଲେଣି। ଆମେ ସେଭଳି ସ୍ତରକୁ ନଯାଇଥିଲେ ବି କଟକଣା ନମାନିଲେ କିଛି ବି ହୋଇପାରେ। ତେବେ ଦ୍ୱିତୀୟ ଲହରରେ ଉଭୟ ଦେଶ ଓ ରାଜ୍ୟରେ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧିପାଉଛି, ଯାହା ପ୍ରଥମ ଲହରଠୁ ଅଧିକ ଓ ତୀବ୍ର। ସ୍ଥିତିକୁ ନଜରରେ ରଖି ପରୀକ୍ଷା ସହ ସ୍କୁଲ୍ କଲେଜ, କୋଚିଂ ସେଂଟର୍ ବନ୍ଦ କରାଗଲା। ଏତେ ସଂଖ୍ୟକ ପିଲା ଦଶମ ଓ ଦ୍ୱାଦଶ ପରୀକ୍ଷା ଦେବାକୁ ଥିଲାବେଳେ ଯଦି ପରୀକ୍ଷା ସମୟରେ ସଂକ୍ରମିତ ହେବେ ତେବେ ସଂଖ୍ୟା କିଭଳି ବୃଦ୍ଧି ପାଇବ ସେକଥା ହେଜନକରି ନିୟମକୁ ଭୁଲ୍ ଦର୍ଶାଇବା ପରିତାପର କଥା। ତାପରେ ସଂକ୍ରମିତ ପରୀକ୍ଷାର୍ଥୀ କିପରି ଓ କେଉଁଠି ପରୀକ୍ଷା ଦେବେ ତାହା ଅନ୍ୟତମ ଚିନ୍ତାଜନକ ବିଷୟ। ଏ କ୍ରମରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ହେବା ସ୍ୱାଭାବିକ। ତେଣୁ ସରକାରଙ୍କ ଏ ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

ଯାହାର ପିଲା ପରୀକ୍ଷା ଦେବାକୁ ଥିବ ସେ ହିଁ ବୁଝିପାରିବ ଜୀବନ ଥିଲେ କେତେ ପରୀକ୍ଷାର ସାମ୍ନା ତା ପିଲା କରିପାରିବ। ପ୍ରାଣଟି ନରହିଲେ କି ପରୀକ୍ଷା! ବର୍ତ୍ତମାନ ଜୀବନ ବଂଚାଇବା ହିଁ ମୁଖ୍ୟ ପ୍ରସଂଗ। ସେଥିପାଇଁ ଯଦି କଟକଣା ଲାଗୁହୁଏ ତେବେ ମାନିବାକୁ ହେବ। ଅମାନିଆମାନଙ୍କ ପାଇଁ ଏସବୁ ଆମକୁ ଭୋଗିବାକୁ ପଡୁଚି। ତେଣୁ ସେମାନଙ୍କୁ ରୋକିବା ଦରକାର। ସର୍ବସାଧାରଣ ସ୍ଥାନମାନଙ୍କରେ ଖାଲି ପୋଲିସ୍ କାହିଁକି ଆମମାନଙ୍କୁ ବି କହିବାକୁ ପଡିବ କଟକଣା ପାଳିବାକୁ, କାରଣ କିଏ ଜାଣେ ସେ ଅମାନିଆ ଲୋକଟି ହିଁ ରୋଗର ବାହକ ହୋଇପାରେ! ତେଣୁ ସଚେତନତା ସବୁଠି ଜରୁରୀ। ଖାଲି ପ୍ରଶାସନକୁ ଦୋଷ ଦେଲେ ହେବ ନାହିଁ। ଆମର ବି କର୍ତ୍ତବ୍ୟ ଅଛି ସମାଜ ପାଇଁ। ପ୍ରଥମେ ନିଜେ କରୋନାଜନିତ ନୀତି ନିୟମ ଓ କଟକଣା ମାନିବା ଓ ଦ୍ୱିତୀୟରେ ଅମାନିଆମାନଙ୍କୁ ବିରୋଧ କରି ସଚେତନ କରାଇବା।

ଏସବୁ ବାଦ୍ କରୋନା ଟିକା ପ୍ରଥମେ ନେବାକୁ ହେବ। ଯଦିଓ ଏହା କରୋନା ସଂକ୍ରମଣ ହେବନାହିଁ ବୋଲି ପୂର୍ଣ୍ଣ ପ୍ରତିଶ୍ରୁତି ଦେଉନାହିଁ ତେବେ ବି ଡାକ୍ତରଙ୍କ କହିବାନୁସାରେ ଏହା ଆମ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ଭୂତାଣୁର ଆକ୍ରମଣାତ୍ମକ କ୍ରିୟାକଳାପକୁ କିଛି ଅଂଶରେ ପ୍ରତିହତ କରିପାରିବ। ଫଳରେ ସଂକ୍ରମିତଙ୍କଠାରେ ତାର କୁପ୍ରଭାବ ବିଶେଷ ପରିଲକ୍ଷିତ ହେବନାହିଁ। ସେ ଯାହା ବି ହେଉ ଆମେ ପ୍ରାଥମିକ ସ୍ତରରେ ନିଜ ପ୍ରତି ଓ ନିଜ ପରିବାର ପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର।

ହେୟ ମନୋଭାବ ପୋଷଣ ନକରି ସ୍ୱର୍ଣକାତର ଭାବେ ଚିନ୍ତା କରିବା ଦରକାର ଯେ ଆମେ ରୋଗର ବାହକ ହେବା ନାହିଁ କିମ୍ବା ଆମ ପରିବାରକୁ ରୋଗ ଦେଇ ସେମାନଙ୍କ ଜୀବନକୁ ବିପଦରେ ପକାଇବା ନାହିଁ। ଯଦି ଆମେ ନିଜକୁ ତଥା ଆମ ପରିବାରକୁ ଭଲପାଉ ତେବେ ଅନ୍ତତଃ ସେମାନଙ୍କ ପାଇଁ କରୋନା ସଚେତନ ହେବା। ଅନନ୍ତଃ ଏତିକି ଚିନ୍ତାକରିବା ଉଚିତ୍ ଯେ ଆମ ଜରିଆରେ କାହାର ଜୀବନ ନଯାଉ। ପରୋକ୍ଷରେ ଆମେ କାହାର ହତ୍ୟାକାରୀ ନସାଜୁ। ଏତେବଡ ପରିଣାମକୁ ଏଡେଇବା କଣ ଆମ ଦାୟିତ୍ୱ ନୁହେଁ କି? ଖାଲି ସମାଲୋଚନା କରି ଘରେ ବସିଗଲେ ଚଳିବନି ଜଣେ ସଚେତନ ନାଗରିକ ହିସାବରେ ନିଜକୁ ପ୍ରମାଣିତ କରିବାର ବେଳ ଏବେ।

*ଫୋନ୍- ୯୪୩୭୩୧୭୦୨୬*

# ଦ୍ୱିତୀୟ ଲହର, ଅତି ଭୟଙ୍କର



ପ୍ରଦୀପ୍ତ ଆଚାର୍ଯ୍ୟ

ଆଜି ସକାଳୁ ସମୀର ବାବୁ ଆସି ପହଂଚି ଗଲା ପରେ,ତାଙ୍କର ଗାମ୍ଭୀର୍ଯ୍ୟତାକୁ ଲକ୍ଷ୍ୟ କରି ପଚାରିଲି,ଭାଇ କଣ ହୋଇଛି,ଆଜି କଣ ଚୁପ୍‌ଚାପ୍। ତତ୍‌କ୍ଷଣାତ ସେ କହିଲେ "ଯାହା ହେବ ଦେଖାଯିବ",ଆଉ କେତେଦିନ "କଣ କରିବା, କଣକରିବା"ହୋଇ ଆଶଙ୍କା ଓ ଆତଙ୍କିତ ଅବସ୍ଥାରେ ଦିନ କାଟିବା ଅପେକ୍ଷା, ଉପରବାଲା ଉଦ୍ଦେଶ୍ୟରେ ହାତ ଟେକି ଦେଇ, "ଯାହା ହେବ ଦେଖାଯିବ", କହି ଦମ୍ଭ ଧରିବା ଶ୍ରେୟ। ପୁରା ଗୋଟିଏ ବର୍ଷ ତାଣ୍ଡବ ରଚିବା ପରେ,କରୋନା ମହାମାରୀର ପ୍ରକୋପ ହ୍ରାସ ପାଇଥିଲା କିନ୍ତୁ ଭୟଙ୍କର ରୂପ ଧାରଣ କରି ପ୍ରତ୍ୟାବର୍ତ୍ତନ କରୁଛି ଶୁଣିବା ପରେ କାହାରି ମନରେ ସରସତା ନାହିଁ।ସମସ୍ତେ ଭୀତତ୍ରସ୍ତ।ଜୀବନ ତରୁର ଶୁଷ୍କ ଶାଖା ପଲ୍ଲବୀତ ହେବା ବେଳକୁ,ପୁନର୍ବାର ଏକ ଝଡର ସୂଚନା, ମାନସିକ ସନ୍ତୁଳନତାକୁ ବିପର୍ଯ୍ୟସ୍ତ କରିଦେଉଛି। ଅନେକ ଲୋକଙ୍କର କେହି ନା କେହି ପ୍ରିୟଜନ କରୋନା ମହାମାରୀ ର ଲେଲିହାନ ଶିଖାରେ ପୀଡିତ କିମ୍ବା ବିଲୁପ୍ତ ହୋଇଯାଇଛନ୍ତି।କ୍ଷତ ଶୁଖି ଆସିବା ବେଳକୁ, ପୁନଶ୍ଚ ଆଘାତ। ସମଗ୍ର ପୃଥିବୀର ମାନବ ସମାଜ ଆଜି ଭୀତତ୍ରସ୍ତ,ଏକ ଅଜଣା ଆତଙ୍କରେ ଆତଙ୍କିତ।ପୃଥିବୀରେ କୌଣସି ଜିନିଷ ସ୍ଥାୟୀ ନୁହେଁ। କ୍ଷଣଭଙ୍ଗୁର ଏ ଦୁନିଆ।ଏହି ଅବସ୍ଥା ଆଉ ବର୍ଷକୁ ନଥିବ, ଆମେ ପୁଣି ଧୁମ୍‌ଧାମ୍‌ରେ, ମହାସମାରୋହରେ ପାଳନ କରିବା ସମସ୍ତ ପ୍ରଥା ପରମ୍ପରା। ପ୍ରସିଦ୍ଧ ଇଂରାଜୀ କବି, (ଥିଓଡୋର ଟିଲଟନ୍) ତାଙ୍କର ଗୋଟିଏ କବିତା (ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ)ରେ ଲେଖିଥିଲେ,ଏକଦା ପର୍ସିଆରେ ଜଣେ ରାଜା ଥିଲେ,ଯିଏକି ତାଙ୍କ ମୁଦିରେ ଗୋଟିଏ ଲେଖା ଖୋଦିତ କରାଇଥିଲେ (ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ) ଯାହାକୁ ସେ ଆଖି ଆଗରେ ଦେଖିଲେ, ସମସ୍ତ ଦୁଶ୍ଚିନ୍ତା, ଉତେଜନା, ଆନନ୍ଦ ଏବଂ କଷ୍ଟରୁ ତତ୍‌କ୍ଷଣାତ ସାଧାରଣ ମାନସିକ ଅବସ୍ଥାକୁ ଫେରି ଆସୁଥିଲେ। ମରୁଭୁମି ମଧ୍ୟ ଦେଇ ଓଟ ପଲ ଏବଂ ସମୁଦ୍ର ମଧ୍ୟ ଦେଇ ଜାହାଜ ଭେଳା ତାଙ୍କ ରାଜ୍ୟକୁ ଅପର୍ଯ୍ୟାପ୍ତ ମଣି ମୁକ୍ତା ଧନରତ୍ନ ବୋହି ଆଣୁଥିଲେ।ମୁଦ୍ରିକାରେ ଖୋଦିତ ଲେଖାକୁ ଦୃଷ୍ଟିପାତ କରିବା ପରେ,ସେ ଭାବୁଥିଲେ ଧନ କଣ? ଆଜି ଆସିଛି କାଲି ଚାଲିଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ରାଜ ଦରବାରରେ ଯୁବତୀ ନର୍ତ୍ତକୀ ମାନଙ୍କର ନୃତ୍ୟ, ସଭାସଦ୍ ମାନଙ୍କର ଘନଘନ କରତାଳି ଏବଂ ସୁରାପାନର ଆବେଗମୟ ମୁହୂର୍ତ୍ତ ସମୟରେ ,ମୁଦ୍ରିକା ଦର୍ଶନ ମାତ୍ରେ ଚିତ୍କାର କରି ଉଠିଛନ୍ତି,ବନ୍ଧୁଗଣ , ଏ ଆନନ୍ଦ ଚିରସ୍ଥାୟୀ ନୁହେଁ,ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ସୁନ୍ଦରୀ ପତ୍ନୀଙ୍କ ନିବିଡ ଆଲିଙ୍ଗନ,ରାତ୍ରୀର ଅନ୍ଧକାର ମଧ୍ୟରେ ,କୋମଳ ଜୀବନ୍ତ ମାଂସ ସ୍ପର୍ଶର ଚରମ



ଉତେଜନା ମଧ୍ୟ ଚିରସ୍ଥାୟୀ ନୁହେଁ,ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ଯୁଦ୍ଧରେ ବର୍ଛାବିଦ୍ଧ ହୋଇ ଯନ୍ତ୍ରଣାରେ ଚିତ୍କାର କରିବା ସମୟରେ,କହି ଉଠିଛନ୍ତି,ଯନ୍ତ୍ରଣା ସହ୍ୟ କରିବା କଷ୍ଟକର,କିନ୍ତୁ ଧୈର୍ଯ୍ୟର ସହିତ ଅପେକ୍ଷା କଲେ , ଏହା ମଧ୍ୟ ଧୀରେଧୀରେ ଉପଶମ ହୋଇଯିବ। ସର୍ବସାଧାରଣ ଛକରେ, ତାଙ୍କର କୀର୍ତି ଖୋଦିତ କୋଡିଏ କ୍ୟୁବିଟସ୍ ଉଚ୍ଚା ପ୍ରତିମୂର୍ତ୍ତୀ ଛଦ୍ମ ବେଶରେ ଦର୍ଶନ କରିବା ସମୟରେ,ଭାବିଛନ୍ତି ଯଶଖ୍ୟାତି ମଧ୍ୟ କ୍ଷଣସ୍ଥାୟୀ,ଏହା ମଧ୍ୟ ଧୀରେଧୀରେ ଲୋପ ପାଇଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପକ୍ଷାଘାତ ରୋଗାକ୍ରାନ୍ତ ହୋଇ ,ମୃତ୍ୟୁକୁ ଅପେକ୍ଷା କରି ଶଯ୍ୟାଶାୟୀ ଥିବା ସମୟରେ ଚେନାଏ ସୂର୍ଯ୍ୟକିରଣ ମୁଦି ଉପରେ ପଡିବା ପରେ ,ମନକୁ ସାନ୍ତ୍ୱନା ମିଳି ଯାଇଛି,ମୃତ୍ୟୁ ମଧ୍ୟ ଆସିବ ଏବଂ ଚାଲିଯିବ।

ଏହି କବିତାଟିର କଥାବସ୍ତୁ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି,କରୋନା ଆସିଛି,କିଛିଦିନ ରହିବ ଏବଂ ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଦୈବୀଦୁର୍ବିପାକ ଏବଂ ମନୁଷ୍ୟ କୃତ ଆତଙ୍କବାଦ, ସବୁକିଛି ଛଡାଇ ନେଇଯାଇଛି ମନୁଷ୍ୟଠାରୁ। କିନ୍ତୁ ଛଡାଇ ନେଇ ପାରିନାହିଁ,ଦୁଇଗୋଟି ଜିନିଷ, ଯାହାକୁ ପାଥେୟ କରି,ପରାଜୟ ପରେ ମଧ୍ୟ ମନୁଷ୍ୟ ପୁଣି ଜୀବନ ସଂଗ୍ରାମର ରଣାଙ୍ଗନରେ ଅବତୀର୍ଣ୍ଣ ହେଉଛି।ତାହା ହେଉଛି ଆଶା ଏବଂ ଧୈର୍ଯ୍ୟ।

ଆଜି କରୋନା ମହାମାରୀ ପରି ବିପଦ ସମୟରେ,ବଂଚିବାର ଆଶାକୁ ଦୃଢୀଭୁତ କରି,ଧୈର୍ଯ୍ୟର ସହିତ ଏ ବିପଦ କୁ ମୁକାବିଲା କରିବାକୁ ପଡିବ।ସରକାରୀ ନିର୍ଦ୍ଦେଶନାମାନୁଯାୟୀ ସମାଜିକ ଦୁରତ୍ୱ,ମାସ୍କ ପରିଧାନ,ହସ୍ତ ପ୍ରକ୍ଷାଳନ ଏବଂ ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ନିମନ୍ତେ ସମସ୍ତ ପଦକ୍ଷେପକୁ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ। ଏ ଅବସ୍ଥା ସବୁଦିନ ରହିବ ନାହିଁ।ଦୀର୍ଘଦିନର ଗୃହବନ୍ଦୀ ଜୀବନ ଆମ ପକ୍ଷରେ ଅତିଷ୍ଠ ହେଉଥିଲେ ମଧ୍ୟ,ଜୀବନ ରକ୍ଷା ଆଗରେ ଏହା ଗୌଣ।କାରଣ ସେଦିନ ସେହି ବୃଦ୍ଧ ଗଧଟି,ନିଜର ଭାରସାମ୍ୟ ହରାଇ ଭଙ୍ଗା କୂଅରେ ପଡିଯିବା ପରେ,ନିଜର ଜୀବନ ରକ୍ଷାପାଇଁ ଶେଷ ପର୍ଯ୍ୟନ୍ତ ଜାରି ରଖିଥିବା ପ୍ରଚେଷ୍ଟା ହିଁ ଆମ ପାଇଁ ଦୃଷ୍ଟାନ୍ତ।ମାଲିକ,ବୃଦ୍ଧ ଗଧଟି ତା ପାଇଁ ଆଉକିଛି କାର୍ଯ୍ୟ କରିପାରିବ ନାହିଁ ଉପଲବ୍ଧି କରି,ସାଙ୍ଗସାଥି ମାନଙ୍କୁ ଡାକି କୂଅଟିକୁ ପୋତିବା କାର୍ଯ୍ୟ ଆରମ୍ଭ କରିଦେଲା।ବୃଦ୍ଧ ଗଧଟି ପରିସ୍ଥିତିକୁ ଅନୁମାନ କରି,ବିକଳ ସ୍ୱରରେ ଚିତ୍କାର କରିବାକୁ ଆରମ୍ଭ କରିଦେଲା,କିନ୍ତୁ ତାହା ଥିଲା ନିଷ୍ଫଳ।ଟୋକେଇ ପରେ ଟୋକେଇ ମାଟି କୂଅ ଭିତରକୁ ପକାଗଲା।ଜୀବନରେ ବଂଚିବାର ମୋହ,ଗଧଟିକୁ ସକ୍ରିୟ କରାଇଦେଲା।ତା ଉପରେ ପକାଯାଉଥିବା ପ୍ରତ୍ୟେକ ମାଟି ଟୋକେଇକୁ ସେ ଝାଡିଝୁଡି ଦେଇ,ତା ଉପରକୁ ଉଠି ଯାଉଥିଲା।କ୍ରମେ କ୍ରମେ ମାଟି ଯେତେ ଅଧିକ ପକାଗଲା,ସେ ସେତିକି ଉପରକୁ ଉଠି, ସର୍ବ ଶେଷରେ ଜୀବନ ବଂଚାଇବାକୁ ସକ୍ଷମ ହୋଇପାରିଲା। ତେଣୁ, ପୃଥିବୀ ପୃଷ୍ଠରେ ବଂଚିବାକୁ ହେଲେ ଆବଶ୍ୟକ ସଂଗ୍ରାମ। କରୋନା ହାରିବ, ଓଡିଶା ଜିତିବ, ଭାରତ ଜିତିବ ଏବଂ ପୃଥିବୀ ଜିତିବ। ତଥ୍ୟାନୁଯାୟୀ କରୋନା ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ, ଅତ୍ୟଧିକ ଭୟଜନୀତ ହୃଦଘାତରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ବେଳେବେଳେ ଗଣମାଧ୍ୟମ ଗୁଡିକର ଅତିରଂଜିତ ପ୍ରଚାର, ଏ ଭୟ ସୃଷ୍ଟିର କାରଣ ହୋଇଥାଏ। ତେଣୁ ସଂପ୍ରତିକ ପରିସ୍ଥିତିରେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାଜନୈତିକ ବ୍ୟକ୍ତି ସର୍ବୋପରି ଗଣମାଧ୍ୟମ ଗୁଡିକ, ଲୋକମାନଙ୍କ ମନରୁ ଅହେତୁକ ଭୟ ଦୁରକରି,ସାହସ ସଂଚୟ ପାଇଁ ପ୍ରେରଣା ଦେବା ନିହାତି ଆବଶ୍ୟକ।ଆମ୍ଭେମାନେ ମଧ୍ୟ ସାମାଜିକ ଦୁରତା,ମାସ୍କ ପରିଧାନ,ହସ୍ତ ପ୍ରକ୍ଷାଳନ ପରି ସାଧାରଣ ପ୍ରତିଷେଧକ ବ୍ୟବସ୍ଥାକୁ ହେୟ ମନେକରି ଅଣଦେଖା କରିବା ଅନୁଚିତ୍। ପୃଥିବୀ ଏକ ରଙ୍ଗମଂଚ ଆଉ ଜୀବନ ଏକ ନାଟକ,ସେଥିରେ ମନୁଷ୍ୟ ଅଭିନେତା ଏବଂ ଈଶ୍ୱର ନିର୍ଦ୍ଦେଶକ,।ଏ ପରିସ୍ଥିତି ସବୁଦିନ ରହିବ ନାହିଁ,ଏହା ମଧ୍ୟ ଚାଲିଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ଯାହା ହେବ ଦେଖାଯିବ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,*
*ଈଶାଣୀବ୍ରହ୍ମପୁର,କଟକ*
*ମୋ-୬୩୭୧୫୯୩୨୨୦*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୧୫

# ବେଳ ଭଲ ନାହିଁ

ମୁଁ କାହିଁକି ଈର୍ଷା କରିବି ଭାଇ, ମାତ୍ର ମୋତେ ଆପଣ ପୁରୁଣାକାଳିଆ କୁହନ୍ତୁ ବା ଯାହା କୁହନ୍ତୁ, ନଷ୍ଟ ହୋଇଯାଉ ଥିବା ଗ୍ରାମ୍ୟ ଜୀବନ, ଗ୍ରାମ୍ୟ ପରମ୍ପରା ଓ ସଂସ୍କୃତି ପାଇଁ ମୋତେ ଜମା ଭଲ ଲାଗୁନି। ଆପଣ ନିଜେ କୁହନ୍ତୁ ତ ଆପଣ ପାଠ ପଢ଼ିଲା ବେଳେ ଗାଆଁର ଗୁରୁ ଗୁରୁଜନମାନଙ୍କ ସାମ୍ନାରେ କ'ଣ ଏମିତି ଖୋଲମ୍‌ଖୋଲା ମଦ, ବିଡ଼ି, ସିଗାରେଟ୍, ଗଞ୍ଜେଇ ଟାଣିବାକୁ ସାହସ କରି ପାରୁଥିଲେ ? ମୋର କ'ଣ ମନେ ନାହିଁ ବଙ୍ଗଳା ଦାଦାଙ୍କ ପୁଅ ଯିଏ କଲିକତାରେ ରହି ପାଠ ପଢୁ ପଢୁ ଗଞ୍ଜେଇ ଟାରିବା ଭଳି ଗୋଟେ ବଦଭ୍ୟାସକୁ ଆଦରି ନେଇଥିଲା କେତେ ହିନସ୍ତା ହୋଇନି ଗାଆଁରେ, ଶେଷକୁ ପା' ତା ବାପା ବଞ୍ଚି ଥାଉ ଥାଉ ତା' ଭାଗ ସମ୍ପତ୍ତିକୁ ବୋହୂ ନାଆଁରେ କରିଦେଲା ଏ ଯେମିତି ଗଞ୍ଜେଇ ଟାଣି ସମ୍ପତ୍ତିକୁ ହରିବୋଲ ନ କରେ ବୋଲି। ସେତେବେଳେ ତାକୁ ସମସ୍ତେ କିପରି ଘୃଣା ଦୃଷ୍ଟିରେ ଦେଖୁଥିଲେ, ଯୁବା ବୟସରେ ମଲା ଯେ କେହି ପାଖ ମାଡିଲେ ନାହିଁ।

ଆଉ ଏବେ ଆମ ଗାଆଁରେ ଏ ମେଞ୍ଚଡ ଟୋକାମାନେ ଯେମିତି ବେପରୱା ହୋଇ ସିଗାରେଟ୍ ଟାଣୁଛନ୍ତି, ମେଳି ହୋଇ ଗଞ୍ଜେଇ ଓ ମଦ ପିଉଛନ୍ତି, ବଡଙ୍କୁ ଖଶତିର ନାହିଁ କିମ୍ବା ସମ୍ଭ୍ରମ ନାହିଁ ମୁଁ ତ ଭାବୁଛି ଏ ଗାଆଁଟା ଆଉ କିଛି ବର୍ଷ ପରେ ସହର ହୋଇଯାଇଥିବ, ଯେଉଁଠି କେହି କାହାରି ସମ୍ପର୍କୀୟ ନୁହଁନ୍ତି କି ପରିଚିତ ନୁହଁନ୍ତି, ଯେଉଁଠି ନଥିବ ଗୁରୁ ଗୁରୁଜନ ସଂସ୍କୃତି। ସମସ୍ତେ ଏକା ଏକା ନିଜ ମର୍ଜିର ବାଦ୍‌ଶାହା।

ସୁଦର୍ଶନ ବାବୁ ବୁଝୁଥିଲେ ନିତ୍ୟାନନ୍ଦର ଦୁଃଖ ଓ କ୍ଷୋଭକୁ। ତଥାପି ଉପଦେଶ ଦେବା ଛଳରେ କହିଲେ - ବେଳ କାଳ ଦେଖି ନିଜକୁ ପ୍ରଥମେ ପରିବର୍ତ୍ତନ କରିଦେବାଟା ହେଉଛି ବୁଦ୍ଧିମାନର କାର୍ଯ୍ୟ। ପରିବର୍ତ୍ତନର ପ୍ରଥମ ପର୍ଯ୍ୟାୟରେ ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳେ ଯାହା ଆଦୌ ଭଲ ଲାଗେ ନାହିଁ, ମାତ୍ର ଧୀରେ ଧୀରେ ସେ ପରିବର୍ତ୍ତନ ସହ ଆଦି ହୋଇଗଲେ ତାହା ସ୍ୱାଭାବିକ ମନେ ହୁଏ, ଯେତେବେଳେ ଝଡ ଆସେ ସମୁଦ୍ର କୂଳରେ ଥିବା ଲୋକମାନେ ସମୁଦ୍ରର ଉତ୍ତାଳ ଲହରୀକୁ ଦେଖି ଆତଙ୍କିତ ହୁଅନ୍ତି, ମାତ୍ର ସମୁଦ୍ର ଭିତରଟା ପୂର୍ବଭଳି ଶାନ୍ତ ଥାଏ। ଆମେ ଯେଉଁମାନେ ଗାଆଁରେ ରହୁଛେ ଏହି ନୂଆ ନୂଆ ପରିବର୍ତ୍ତନର ଝଡକୁ ଦେଖୁଛନ୍ତି, ମାତ୍ର ଏ ପରିବର୍ତ୍ତନ ଟିକିଏ ପୁରୁଣା ହୋଇଗଲେ ଏହା ଆମକୁ ଶାନ୍ତ ସମୁଦ୍ର ପରି ଲାଗିବ।

ହଉ-ଆପଣଙ୍କ ଭଳି ଜ୍ଞାନୀ ଲୋକ ଯଦି ଭାବୁଛନ୍ତି ଯାହା ଘଟୁଛି ତାହା ଠିକ୍ ବୋଲି, ତେବେ ଆମ ଭଳି ଲୋକଙ୍କର ଏଥିରେ କ'ଣ କହିବାର ଅଛି।

ଆରେ ନିତ୍ୟାନନ୍ଦ ମୁଁ ଏକଥାକୁ ଠିକ୍ ବୋଲି କେବେବେଳେ କହିଲି। ବୁଝିଲ ଏ ଦେଶ ଯେତେବେଳେ ସ୍ୱାଧୀନ ହେଲା, ରାଜା ରାଜୁଡା ଶାସନ ଲୋପ ପାଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ସେତେବେଳେର ରାଜାମାନେ ସହଜରେ ଗଣତନ୍ତ୍ରକୁ ହଜମ କରିପାରୁନଥିଲେ କି ପରିବର୍ତ୍ତନକୁ ଗ୍ରହଣ କରିପାରୁ ନଥିଲେ। ଆମେ ରାଜା ଥିଲୁ, ଗଣତନ୍ତ୍ର ଶାସନରେ ମନ୍ତ୍ରୀ କ'ଣ ହେବୁ ଭାବି କିଛି ବର୍ଷ ମୁଖ୍ୟ ସ୍ରୋତାରୁ ଦୂରେଇ ରହିଲେ, ମାତ୍ର ହେଲା କ'ଣ ? ଧୀରେ ଧୀରେ କିଛି ଅପାଂକ୍ତେୟ ହୋଇ ପଡିଲେ। ମାତ୍ର ଯେଉଁମାନେ ଚାଲାଖ ଥିଲେ ସେମାନେ ପରିବର୍ତ୍ତନକୁ ସହଜରେ ଗ୍ରହଣ କରି ଗଣତନ୍ତ୍ର ପ୍ରକ୍ରିୟାରେ ସାମିଲ ହୋଇଗଲେ। ରାଜ୍ୟ ସିନା ଚାଲିଗଲା ସେମାନଙ୍କ ପାଖରୁ ହେଲେ ରାଜସୁଖ ତ ଯାଇନି। ତେଣୁ ପରିବର୍ତ୍ତନ ସହ ପାଦ ମିଳାଇ ଚାଲିବା ହେଉଛି ସବୁବେଳେ ବୁଦ୍ଧିମାନର କର୍ତ୍ତବ୍ୟ।

ନିତିଆ, ସୁଦର୍ଶନ ବାବୁଙ୍କ କଥାକୁ ଶୁଣୁଶୁଣୁ ଟ୍ରଲିବାଲାକୁ କହିଲା- ତୋର ଏତେ ଡେରି ହେଲା ଯେ ?

ତମର ସିନା କଲେଜର ଫଳ ବାହାରିଛି ବୋଲି ଭଲ ବେପାର ହେବ ବୋଲି ରାତିସାରା ନିଦ ନାହିଁ, ହେଲେ ମାଧ ସାହୁର କ'ଣ ଏ ଆଳୁ ପିଆଜ ସକାଳୁ ସକାଳୁ ବିକ୍ରି ହୋଇଥାଆନ୍ତା ? ତେବେ ବି ଭଲ ଲୋକ, ସକାଳୁ ସକାଳୁ ଦୋକାନୀକୁ ପଠାଉଛ ସେଥକୁ ବାକିରେ ଆଣିବାକୁ। ସେ ଦୋକାନ ଖୋଲିଲା, ଧୂପ ଦେଲା, ଅପେକ୍ଷା କଲା ନଗଦ ଗ୍ରାହକରେ ବଇନି କରିବାକୁ ତା' ପରେ ଯାଇ ଦେଲା। ତମର ସିନା ଏତିକି ଡେରି ହେଲା ବୋଲି ତମେ ଚିନ୍ତା କରୁଛ, ତମ କାମ ପାଇଁ ମୋର କେତେ ଡେରି ହେଲା ଭାବିଚ ? ମୁଁ ଏତେ ବେଳକୁ ଯାଇ ହାଟ ଧରନ୍ତିଣି ପରା। ହଉ ହେଲା- ବରା କି ପୁରି ଫୁରି ଯଦି ଛାଣିଛ ଦିଅ ଦିଇଟା, ଏଇଠି ଖାଇଦେଇ ଯାଏ, ଆଉ ଘରକୁ ଗଲେ ପୁଣି ଡେରି ହେବ।

(କ୍ରମଶଃ)



# ଅଠାକାଣ୍ଡିଆରେ ଘୁ'କାଳିକା

**ମଳୟ ମିଶ୍ର**



ବେଳେବେଳେ
ଅଠାକାଣ୍ଡିଆରେ ଘୁ'କାଳିଆ ଚଢ଼େଇ
ଧରେ କେଳା / କାହିଁକି ପଚାରନା !

ଘୁ'କାଳିକା ଶାରୀକି ପାଏ
ନା ବଣିକି / ଘୁଅ ଘାଣ୍ଟିବା ତା' କାମ।

ତେମେ କଇବ, ଚଡେଇ ତ ଚଡେଇ
ଉଡୁଚି, ପର ଅଛି ମାନେ
ଅଠାକାଣ୍ଡିଆରେ ଲାଖିବା ତାଙ୍କ କପାଳଲିଖନ।
କାହାକୁ ମାରି ଖାଇବ, କା'କୁ ନାଇଁ
ଧରାପଇଲାକୁ ଯାଇ କେଳାର ବିଚାର।



ସେମେତେ କଇଲେ ହବନା' ?
ଚଡେଇଜାତିରେ ଅଛନ୍ତି କୁଆ, କୋଇଲି
କୁଣ୍ଡାଖିଆ, ମାଟିଆ ଚିଲ
ପୁଣି ଖଣ୍ଡିଉଡା ଦଉଥେବା ନାଙ୍ଗୀଖଣ୍ଡୀ ଖଣ୍ଡିଡେଣା
ଗୁଣ୍ଡୁରୀ ତିତ୍ତରୀ / କୋରଡରେ ନୁଚିଥିବା ପେଚା;
କେଳା କ'ଣ ସେଗୁଡାକୁ ଧରେ ?

ଘୁ'କାଳିକା ଶାରୀରେ ଯାଏନା / ବଣିରେ ବି
'ଅଣ୍ଟ ନାଲି, ପର ଧଳାକଳା ଛଇଳିକୁ ତା'
ଗୋଡ ହଳଦିଆ..'
କହି କହି ଭାଉ ବଢ଼େଇଚି କିଏ ?
ବକୀକୁ ଗଣ୍ଡିବୁଲେଇ ଚାଲିବାରେ
କି ଗାଂଡୀରୁମ ଉପୁଡା କାଳୀବଏଲରକୁ
ହଂସଚାଲି ଉପମାରେ ତାଙ୍କ ଗଉଁ ବଢ଼ିବାକୁ ଦାୟୀ
କିଏ ?

ଏଇନେ ଅଠାକାଣ୍ଡିଆରେ ଘୁ'କାଳିକା
ଚଡେଇଟେ
ଛଡେଇହବାକୁ ଛଟପଟ
ତା'କୁ ଛଡ଼େଇଲେ ମଲ, ନ ଛଡେଇଲେ
ରାଉ ରାଉ ରବରେ ସାରା ଜଙ୍ଗଲଟାରେ ହାଲ୍ଲା।

ସୃଜନ, ପ୍ୟାଲେସ ଲାଇନ,ବଲାଙ୍ଗିର
ଦୂରଭାଷ : ୮୯୧୭୪୫୮୬୩୫

(ପୂର୍ବପ୍ରକାଶ ଉତ୍ତାରୁ)

ହଉ ତଥାପି ପ୍ରିତମ ମନରେ କିଛି ଉପହାର ଦେବା ପାଇଁ ଭାବିଥିଲା। ଏବଂ ଶେଷରେ ବାହାଘର ଦିନ ହଲେ ରୂପାର ପାଉଁଜି କିଣିଲା। ଆଉ ଶ୍ରଦ୍ଧାକୁ ଫୋନ୍ କରିଲା ପ୍ରିତମ କିନ୍ତୁ ଶ୍ରଦ୍ଧା ତାର ଫୋନ୍ କଲ ଉଠାଉ ନଥିଲା ବହୁତ ସମୟ ପରେ ଉଠାଇ ଥିଲା। ଏହି ସମୟରେ ପ୍ରିତମ କହିଲା ମୁଁ ତୁମ ବାହାଘରକୁ ଯାଇ ପାରିବି ନାହିଁ। ଆଉ ଶୁଣ ଜଣକ ହାତରେ ପାଉଁଜି ହଳେ ପଠାଇ ଦେବି ରଖିନେବ। କିନ୍ତୁ ଶ୍ରଦ୍ଧା ନାରାଜ ହେଲା। କିନ୍ତୁ ପ୍ରିତମ କହିଲା ଆରେ ନିଜେ ଭାବ କେଉଁ ପ୍ରେମିକ ନିଜ ପ୍ରେମିକାର ବଧୂ ବେଶ ଦେଖି ରହି ପାରିବ। ଏହି କଥା ଶୁଣି ଶ୍ରଦ୍ଧା କହିଥିଲା ମୁଁ କିଛି ଜାଣିନି ତୁମେ ଆସିଲେ ଆସିବ ନ ଆସିଲେ ନାଇଁ। ତୁମ ଖୁସି।

ତଥାପି ଛାତି ଦମ୍ଭ କରି ସେ ଦିନ ଶ୍ରଦ୍ଧାର ବାହାଘରକୁ ଉପହାର ନେଇ ପ୍ରିତମ ଯାଇଥିଲା। ନିଜ ଆଖି ସାମ୍ନାରେ ନିଜ ପ୍ରେମିକାର ବଧୂ ବେଶ ଦେଖୁଥାଏ। ଛାତି ଭିତରେ ହୃଦୟ ଫାଟି ଯାଉଥାଏ। କିନ୍ତୁ କରିବ କଣ। କିନ୍ତୁ ଶ୍ରଦ୍ଧା ଆଖିରୁ ଟୋପେ ଲୁହ ଝରୁ ନଥିଲା ଓଲଟା ସେ ବହୁତ ଖୁସିରେ ମଞ୍ଚ ଉପରେ ବସିଥିଲା। କାହିଁକି ସେ କାନ୍ଦିବ। ଅନ୍ୟକୁ କନ୍ଦେଇବା ଯାହାର ଧର୍ମ ସେ କାହୁଁ ନିଜେ କାନ୍ଦିବ। ଏହି ଭଳି ମନେ ମନେ ପ୍ରିତମ ଭାବୁଥାଏ। ଏହି ଝିଅଟା ଏତେ ବେଇମାନି ଗୋଟେ ନିଷ୍ଠୁର ପ୍ରେମିକା ତାର ପାଇଁ ପ୍ରେମର ମାନେ କିଛି ନାହିଁ।

ଏମିତିରେ କିଛି ସମୟ ପରେ ବର ଅସେ ଶ୍ରଦ୍ଧା ଘରେ ପହଞ୍ଚିଲା। ବରଯାତ୍ରୀ ମାନେ ଭୋଜି ଖାଉଥାନ୍ତି। ପ୍ରିତମ ନିଜ ନିଷ୍ଠୁର ପ୍ରେମିକାକୁ ବିବାହର ଅଭିନନ୍ଦନ ଜଣାଇ ଉଇସ କରି ଉପହାର ଦେଇ ନିଜ ଘରକୁ ଚାଲି ଆସିଲା। ଚାଲି ଆସିଲା କିନ୍ତୁ କେତେ ସାଙ୍ଗ ସାଥି ସେଦିନ ପ୍ରିତମକୁ ଥଟ୍ଟା କରୁଥିଲେ। କହୁଥିଲେ ନିଜ ପ୍ରେମିକାର ବଧୂ ବେଶ ଦେଖିଯାଇଥିଲୁ। ଲଜ୍ୟା ଲାଗୁନି ତୋତେ ତୋତେ ଭଲ ପାଇ ଅନ୍ୟତ୍ର ବାହା ହୋଇ ଚାଲିଗଲା ତୁ ଆଣି ପାରିଲୁନୁ। ଏହି କଥା ସବୁ ଶୁଣି ଭାରି କଷ୍ଟ ଦେଉଥାଏ ପ୍ରିତମକୁ। ଏହି ଭିତରେ ପ୍ରିତମ ନିଜ ଘରକୁ ଆସି ପହଞ୍ଚିଥିଲା। ଘରେ ଆସି ପହଞ୍ଚିଥିଲା ସତ କିନ୍ତୁ ରାତି ତମାମ ଶୋଇ ପାରି ନଥିଲା। ରାତି ତମାମ କାନ୍ଦିବାକୁ ଲାଗିଥିଲା। ପ୍ରିତମର କାନ୍ଦ ଦେଖି ତାର ଜନ୍ମ କଲା ମାଆ ବି ସହି ପାରୁନଥିଲେ। ସେ ବି କାନ୍ଦୁ ଥିଲେ। ଏହି ପରିସ୍ଥିତିରେ କିଛି ସମୟ ପରେ ପ୍ରିତମର ମା ପ୍ରିତମକୁ ବୁଝାଇ ଥିଲେ। ଆରେ ତୁ ତାକୁ ମନ ପ୍ରାଣ ଦେଇ ଭଲ ପାଇଥିଲୁ। ମନ୍ଦିରରେ ଈଶ୍ୱରଙ୍କୁ ସାକ୍ଷୀ ରଖି ବହାହୋଇଥିଲୁ। କିନ୍ତୁ ସେ ତୋତେ ଭଲ ପାଉ ନଥିଲା। ଆଉ ଯଦି ଭଲ ପାଉଥାନ୍ତା ସେ କେବେ ଗୋଟେ ହିନ୍ଦୁ ନାରୀ ହୋଇ ତୁ ବଞ୍ଚି ଥାଉ ଥାଉ ତୋର ସିନ୍ଦୂର ପୋଛି ଶଙ୍ଖା ସିନ୍ଦୂର ପୁନଶ୍ଚ ପିନ୍ଧି ବେଦିରେ ବସି ଅନ୍ୟତ୍ର ବାହା ହୋଇ ଯାଇ ନଥାନ୍ତା। ଆଉ ମନେ ରଖ ପ୍ରିତମ ଧନୀ ଘରର ଝିଅ ବିଳାସ ପୂର୍ଣ୍ଣରେ ବଢ଼ି ଆସିଥାନ୍ତି। ସେ କେବେ ହେଲେ ଆମ ଗରିବ ମାନଙ୍କୁ ପସନ୍ଦ କରନ୍ତି ନାହିଁରେ।

ଏମିତି ପାଞ୍ଚ ରାତି ପାଞ୍ଚ ଦିନ ପ୍ରିତମ ଖାଇଲା ନାହିଁ କି ଶୋଇଲା ନାହିଁ। ବେଳକୁ ବେଳେ ପ୍ରିତମ ରାତି ଅନିଦ୍ରା ହୋଇ ରୋଗାକ୍ରାନ୍ତ ହୋଇଗଲା। ନିଜର ବୋଲି ଯାହାକୁ ଭାବୁଥିଲା ସେ ଆଜି ଆଉ କାହାର ହୋଇଗଲା। ଏମିତି ପ୍ରତି ମୁହୂର୍ତ୍ତରେ ତାର ପ୍ରତିଛବି ପ୍ରିତମର ମୁହଁ ଆଗରେ ନାଚି ଉଠୁଥାଏ। ନା ପ୍ରିତମ ଶୋଇ ପାରୁଛି ନା କିଛି କରି ପାରୁଛି। ହଠାତ୍ ଦିନେ ଘର କିଳି ପ୍ରବଳ କାନ୍ଦୁଥାଏ। ସେହି ଦିନ ପ୍ରବଳ ଶ୍ରଦ୍ଧା କଥା ପ୍ରିତମକୁ ମନେ ପଡ଼ିଛି। ଏମିତିକି ତାର ଜୀବ ଛାଡ଼ିଗଲା ଭଳି ଲାଗୁଥାଏ। ଧରିତ୍ରୀ ମାଆକୁ ବି ଆଞ୍ଜୁଳେଇ ସେଦିନ ଧରି ପ୍ରବଳ ପଚାରିଛି କୁଆଡେ ଗଲ ତୁମେ ଶ୍ରଦ୍ଧା ତୁମ ବିନା ମୁଁ କ୍ଷଣଟେ ବଞ୍ଚି ପାରିବିନି। ସେହି ଦିନ ଠାରୁ ପ୍ରବଳ ଧୂମ ପାନ କରିଚାଲିଲା ନିଜର ଦୁଃଖକୁ ଟିକିଏ ଲାଘବ କରିବା ପାଇଁ। କିନ୍ତୁ କଣ ହେବ ଯିଏ ବିରହ ଧୋକାର ଓ ପ୍ରତାରଣାର ଆଘାତରେ ଛଟପଟ ହେଉଛି। ଏହି ନିଶା କଣ ତାର ପ୍ରତିକାରକ ନୁହେଁ। ପ୍ରିତମ ସେଦିନ ଭାବିଲା ଯାହାର ପାଇଁ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଏତେ ଭଲ ପାଇଥିଲି। ପ୍ରିତମର ଆଜି ଚାକିରୀ ଖଣ୍ଡେ ନାହିଁ ଆଉ ଗରିବ ଘର ବୋଲି ତାକୁ ଆଜି ଏତେ କଷ୍ଟ ଭୋଗିବାକୁ ପଡୁଛି ଏମିତି ନିରୋଳାରେ ବସି ଭାବୁଥାଏ।

ହଠାତ୍ ପ୍ରିତମ ଏକ ଦିନ ଶୋଇ ଥାଏ ସକାଳ ପାଇବାକୁ କିଛି ଘଣ୍ଟା ବାକି ଥାଏ ବାରମ୍ବାର ବାରମ୍ବାର ଶ୍ରଦ୍ଧା ପ୍ରିତମର ସ୍ୱପ୍ନରେ ଆସି ପ୍ରିତମର ନିଦ ଭାଙ୍ଗି ଦେଉଥାଏ। ଏମିତିରେ ହଠାତ୍ ପ୍ରିତମ ନିଦ ଭାଙ୍ଗିଗଲା ଆଉ ଦେଖିଲା ବେଳକୁ କେହିନାଇ ଆଉ ଚତୃଦିଗ ଅନ୍ଧକାର ଦେଖା ଯାଉଥାଏ। କିନ୍ତୁ ଖାଲି କୋହ ଆଉ ଯନ୍ତ୍ରଣାରେ ଛଟ ପଟ ହେଉଥାଏ ପ୍ରିତମ। ମନେ ମନେ ତାକୁ ସେଦିନ ଏତେ ବାଧିଲା। ପ୍ରିତମ ହଠାତ୍ ମନେ ଚିନ୍ତାକଲା ଆଉ ଏହି ଜୀବନ ରଖି କିଛି ଲାଭ ନାହିଁ। ଯେଉଁ ନିଷ୍ଠୁର ପ୍ରେମିକା ପାଇଁ ଆଜି ମୁଁ କାନ୍ଦୁଛି ତାରି ପାଇଁ ସବୁଦିନ ପାଇଁ ଏ ଦୁନିଆ ଛାଡ଼ି ଆରପାରିକୁ ଚାଲିଯିବି। ମନେ ମନେ ଭାବି ହାତରେ ଗୋଟିଏ ଗାମୁଛା ଧରି ବାରିପଟ ଆଡେ ଗୋଟେ ଗଛରେ ତଉଲିଆକୁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କଲାବେଳେ ହଠାତ୍ ପ୍ରିତମର ପରିବାର ଲୋକ ଯାଇ ପହଞ୍ଚି ଯାଇଥିଲେ। ଆଉ ପ୍ରିତମକୁ ପ୍ରବଳ ଗାଳି କରିଥିଲେ ଏବଂ ପ୍ରିତମକୁ ବହୁତ ବୁଝାଇଥିଲେ। ଆରେ ଗୋଟେ ନିଷ୍ଠୁର ଝିଅ ପାଇଁ ତୋ ମୂଲ୍ୟବାନ ଜୀବନ କାହିଁ ହାରିବୁ। ଜୀବନରେ ଅନେକ ଝିଅ ଆସିବେ। ଆରେ ତୁ ସମୟକୁ ଅପେକ୍ଷା କର। (କ୍ରମଶଃ)

# ନିଷ୍ଠୁର ପ୍ରେମିକା

**ସରୋଜ ଜେନା**





# ଜୀବନ ସଂଗ୍ରାମ

**ରାମହରି ମହାରଣା**



ଜୀବନ ଜୀବନ ଏଇତ ଜୀବନ
କେତେ ଯେ ଜୀବନ ସାଥୀ,
ସେ ଜୀବନ ପାଇଁ ଅଭିନୟ କରୁ
ମୁହଁରେ ରଙ୍ଗକୁ ମାଖି।

ଜୀବନଟା ଜନ୍ମ ଆନ ସେବା ପାଇଁ
ସଂସାରର ପଥଚାରୀ
ଅନେକ ଜୀବନ ଏ ଜୀବନେ ବନ୍ଧା
ବହୁ ଶୋଷ ଅସୁମାରୀ।

ଏ ଜୀବନ ଅଟେ ସଂଗ୍ରାମ ମୟ
କିଏ ଜିତେ କିଏ ହାରେ,
ଘର ଡିଙ୍ଗି ଯଦି ସାଜଇ କୁମ୍ଭୀର
ଜିତିଲେ ବି ସିଏ ମରେ।

ବୁକୁ ଫଟାଇ ମୁଁ ନାଚୁଛି ଗାଉଛି
ହସ ଲୁହ ଅଭିନୟେ,
ସମସ୍ତେ ଭାବନ୍ତି ବୁଢ଼ା ଜୋକରଟା
ମରୀଚିକା ପଛେ ଧାଏଁ।



ସମସ୍ତଙ୍କ ଆଶା ପୂର୍ଣ୍ଣ କରିକରି
ମୁଣ୍ଡ ଝାଳେ ମେଣ୍ଟେ ଶୋଷ,
ସ୍ୱାର୍ଥପର ସବୁ କେହି ବୁଝନ୍ତିନି
ଜୀବନର ଅବଶେଷ।

ଏ ମାୟା ବନ୍ଧନ ବିତେ ରାତି ଦିନ
ନିଶ୍ୱାସ ବି ଯାଏ ହାରି,
କରମ ଧରମ ବିଶ୍ୱାସର ପଥେ
ପ୍ରଭୁ ଭବୁ କରପାରି।

ବାଲକାଟି, ଖୋର୍ଦ୍ଧା-୭୫୨୧୦୦
ଦୂରଭାଷ : ୯୭୭୭୧୮୫୪୯୩

# କବିତାର କଥା

(ଭାଗ-୧୬)



**ଉମାକାନ୍ତ ରାଉତ**



# ନିଜ ରୁଟି ସେକିବାକୁ ଦଳିତ ମୋହରା

ପୂର୍ବରୁ କହିସାରିଛି ଯେ କବିତାକୁ ଏକ ନିର୍ଦ୍ଦିଷ୍ଟ ଢାଞ୍ଚା , ବର୍ଗ , ବିଭାଗ , ସଂଜ୍ଞା କି କୋଟେରୀର ସଂକୀର୍ଣ୍ଣତା ଭିତରେ ବାନ୍ଧି ରଖିବାକୁ ଅପଚେଷ୍ଟା କରିବା କେବଳ ମୂର୍ଖତା ଭିନ୍ନ ଆଉ କିଛି ନୁହେଁ। ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ କବିତାକୁ ମୋହରା କରି ସାରସ୍ୱତ ଦଲାଲଗିରି କରିବା ସାମୟିକଭାବେ ସଫଳତା ବୋଲି ମନେ ହେଉଥିଲେ ହେଁ ଏହା ଏକ ସର୍ବକାଳୀନ ବିଫଳତା। ଆପଣାର ପ୍ରାୟୋଜିତ ପତିଆରା ଫଳରେ ନିଜକୁ ଯୁଗସ୍ରଷ୍ଟା ବୋଲି ଜଣେ ଯେତେ ଡେଙ୍ଗୁରା ବାଡେଇଲେ ,କି ଲୋଲଜିହ୍ୱ ବଚସ୍କରଙ୍କ ଦ୍ୱାରା ଯେତେ ଢୋଲ ପିଟାଇଲେ ବି କାଳର ପ୍ରଲମ୍ବିତ ପ୍ରବାହ ସେସବୁକୁ ଅସାର ମନେକରି କୁଆଡ଼େ ନିଶ୍ଚିହ୍ନ କରି ଫିଙ୍ଗିଦେବ, ତା'ର ପତ୍ତା ବି ମିଳିବ ନାହିଁ। ସେଥିପାଇଁ ତ ପୂର୍ବରୁ କହିସାରିଛି ଯେ ମହାସାଗରର ଅଖଣ୍ଡ ଜଳରାଶି ଓ ଅନନ୍ତ ଆକାଶର ବ୍ୟାପ୍ତିକୁ ଭାଗ କରିବାର ଆସ୍ପର୍ଦ୍ଧା କାହାର ? ସେମିତି ଆସ୍ପର୍ଦ୍ଧା ଯଦି କିଏ କରେ , ତା'ଠାରୁ ବଡ଼ ନିର୍ବୋଧ ବୋଧହୁଏ ଜଗତରେ ନଥିବେ !

ମହାକାଶର ମହାଗର୍ଭରେ ତାରାଟିଏ ହୋଇ ଜକଜକ କରିବା କିନ୍ତୁ ଭିନ୍ନ କଥା। ତାରାଟିଏ କେବେ ମୋର ଆଲୁଅ ଅଛି, ମୁଁ ଶକ୍ତିମାନ୍, ମୋ'ଠାରୁ ଆଲୋକ ନେଇ ମଣ୍ଡଳ ଗଠନ କର ବୋଲି କସ୍ମିନକାଳେ ଢମ ଦେଖାଏନା। ତା'ର ବିକିରଣ ହିଁ ଏକ ସ୍ୱୟଂକ୍ରିୟ ପ୍ରକ୍ରିୟା। ସେହି ବିକିରଣସୃଷ୍ଟ ରଶ୍ମୀପୁଞ୍ଜ ଦ୍ୱାରା କେତେ କେତେ ପ୍ରଭାମଣ୍ଡଳ, ସୌରମଣ୍ଡଳ ସୃଷ୍ଟି ହୋଇଥାଏ, ସେଥିପ୍ରତି ନକ୍ଷତ୍ରର ନିଘା ନଥାଏ। ସେସବୁ ଗୋଟେ ସ୍ୱତଃ ପ୍ରବାହ , ଯାହା ନକ୍ଷତ୍ରର ଉପସ୍ଥିତିର ପ୍ରାମାଣିକ ଜୀବନ୍ତ ଦୃଶ୍ୟ।

ବାସ୍ତବ କବି ବା ନିର୍ମଳ କବିଟିଏ ତାରାଟିଏ ଭଳି ଶତ ହସ୍ତରେ ଆହରଣ କରୁଥିଲେ ବି ଶତସହସ୍ର ହସ୍ତରେ ସଂପ୍ରଦାନ କରି ଚାଲିଥାଏ। ସେଥିପାଇଁ କବିଟିଏ ଚିରଦରିଦ୍ର ହୋଇ ବି ଚିରସମ୍ପତ୍ତିବାନ୍‌ର ଆଖ୍ୟା ବହନ କରିଥାଏ। ଦେବାର ବିକଳପଣ ପାଇଁ ପାଇବାର କାଙ୍ଗାଳପଣରୁ ସେ ମୁକ୍ତ। ତାହା ହିଁ ତା'ର କବିପଣର ବିଭୂତି ଓ ବିଭବ।

ଉପରୋକ୍ତ ଦୃଷ୍ଟିକୋଣରୁ ଦଳିତ ସାହିତ୍ୟ ବୋଲି ମୋହରା ଲଗାଯାଉଥିବା କାବ୍ୟ ଆନ୍ଦୋଳନକୁ ଏ ଲେଖକ ଏକ ନିର୍ମଳ ଓ ନିରପେକ୍ଷ କାବ୍ୟଧାରା ହିସାବରେ ଗ୍ରହଣ କରିବାକୁ ଅକ୍ଷମ। ବଂଶ ଶତାବ୍ଦୀର ସତୁରୀ ଦଶକରେ ଦେଶର ଉତ୍ତର ଭାଗରୁ ଉତ୍ପନ୍ନ ଏହି ତଥାକଥିତ ସଂକୀର୍ଣ୍ଣ ମାନସିକତାର ଆନ୍ଦୋଳନ ନିଜର ରାଜନୈତିକ ରୁଟି ସେକିବାକୁ କତିପୟ ଭାଟଶ୍ରେଣୀୟ ମଞ୍ଚସନ୍ଧାନୀ ଯଶଲୋଭୀ ଓ ପୁରସ୍କାରସର୍ବସ୍ୱ କବିଙ୍କୁ ମୋହରା ବନେଇଲାଭଳି ମୋତେ ଲାଗେ। ଏହାଦ୍ୱାରା ମାନବିକ ଅଧିକାରରୁ ବଞ୍ଚିତ ଦଳିତ ଓ ସର୍ବହରାଙ୍କ ପାଇଁ ସର୍ବହରା ଶ୍ରେଣୀର ସଚେତନ ଓ ଜାଗ୍ରତ ସ୍ରଷ୍ଟାମାନେ ସାମାଜିକ ପ୍ରତିବାଦର ଗାଥା ଗାଉଛନ୍ତି ବୋଲି ଦାବି ଓ ପ୍ରଚାର କରାଯାଉଥିଲେ ହେଁ ବାସ୍ତବ କ୍ଷେତ୍ରରେ ତାହା ହେଉଛି କି ?

ବାସ୍ତବ କ୍ଷେତ୍ରରେ ସମାଜର ଉଚ୍ଚବର୍ଗର , ଉଚ୍ଚବର୍ଣ୍ଣର ଓ ଉଚ୍ଚା ଆସନ ମାଡିବସିଥିବା ସ୍ୱାର୍ଥୀ ଓ ଆପେ ବଞ୍ଚିଲେ ବାପର ନାଆଁ ବୋଲି ମାନସିକତାରେ ଥିବା ଚାଲାକ୍ ମଣିଷମାନେ ନିଜ ଦେହରେ ଏକ ଦଳିତ ଷ୍ଟାମ୍ପ୍ ମାରି ଦଳିତ ସାହିତ୍ୟ ନାମରେ ପୁରସ୍କାର ଓ ସୁବିଧାସୁଯୋଗକୁ ହାତେଇ ନେବାର ମସୁଧାରେ ଥିଲାଭଳି ଲାଗୁଛି। ଦଳିତ କି ସର୍ବହରାମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା କି ପରିବର୍ତ୍ତନ ସହ ଏମାନଙ୍କର କିଛି ଦେଣନେଣ ଥିବାଭଳି ମୋତେ ଲାଗେ ନାହିଁ। କେବଳ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଦଳିତ ନାମକୁ ମୋହରା କରିବା ହିଁ ଏହାର ଉଦ୍ଦେଶ୍ୟ ବୋଲି ମୋର ମନେହୁଏ।

ମାଟି ଓ ମଣିଷ ବ୍ୟତିରେକେ କବିତା/ସାହିତ୍ୟର ପରିକଳ୍ପନା ସମ୍ଭବ କି ? ଦଳିତର ସାମାଜିକ ଓ ମାନବୀୟ ଅଧିକାରକୁ ବାଦ୍ ଦେଇ ମାଟିମଣିଷର ଗାଥା ଗାଇହେବ କି ?

ସୁତରାଂ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଦଳିତ ସାହିତ୍ୟ, ଦଳିତ କବିତା ଆଦିର ସଂକୀର୍ଣ୍ଣ ସ୍ଲୋଗାନ୍ ଉଚ୍ଚାରଣପୂର୍ବକ ଏକ ବୃହତ ସାରସ୍ୱତ ସାମ୍ରାଜ୍ୟକୁ ବର୍ଗୀକରଣ କରି ସଂକୁଚିତ କରିବା କ'ଣ ଏକ ହୀନ ମାନସିକତା ନୁହେଁ ? ଏହା ଅପରିହାର୍ଯ୍ୟ କି ? ପୂର୍ବରୁ ବାରମ୍ବାର କୁହାସରିଛି ଯେ କବିତାକୁ କୌଣସି ନିର୍ଦ୍ଦିଷ୍ଟ ଧାରା, ମତ , ବାଦ , ଇଜିମ୍, ନିଳୟ କି ଅଳିନ୍ଦ ମଧ୍ୟରେ ଆବଦ୍ଧ କରି ରଖାଯିବା ଉଚିତ୍ ନୁହେଁ। କବିତା ନିଜେହିଁ ନିଜର ଦର୍ଶନ।

(କ୍ରମଶ)

କଥା ହୁଅନ୍ତୁ : ୯୪୩୭୨୬୭୧୨୫



# ପିଲାଙ୍କ ଦୁନିଆ



**ରିୟାନ୍ସ ପଣ୍ଡା**
ଷ୍ଟାଣ୍ଡାର୍ଡ - ୨
ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ
ବାଙ୍ଗାଲୋର



# ଗାଁ ମୁହାଁ ଜଙ୍ଗଲୀ ହାତୀପଲ : ଭୟରେ ଗ୍ରାମବାସୀ



**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁରରେ ବଣୁଆଁ ହାତୀଙ୍କ ଭୟରେ ଗ୍ରାମବାସୀ। ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଧାନ ଫସଲ ନଷ୍ଟ କରୁଥିବା ସହିତ ପନିପରିବା ଚାଷ କ୍ଷତି କରୁଛନ୍ତି ଓ ଅମଳ ସମୟରେ ହାତୀ ପଲ ଚାଷୀଙ୍କ ମେହନତକୁ ଦଳିଚକଟି ନଷ୍ଟ କରୁଥିବା ବେଳେ ଧନଜୀବନ ନଷ୍ଟ କରୁଛନ୍ତି ଓ ହେଲେ ବନ ବିଭାଗ ହାତୀ ଟ୍ରେକିଂ କରିପାରୁ ନ ଥିବା ବେଳେ ହାତୀ ଘଉଡାଇବାରେ ମଧ ବିଫଳ ହେଉଥିବା ଅଭିଯୋଗ ହୋଇଛି। ଏମିତି ଅଭିଯୋଗ ଆସିଛି ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ପଞ୍ଚାୟତ ବାଙ୍କିପାଲି ଗାଁରୁ। ହାତୀଙ୍କ ପାଇଁ ଚାଷରେ କ୍ଷତି ସହିଥିବା ଚାଷୀଙ୍କୁ କ୍ଷତି ପୂରଣ ଦେବା ସହିତ ହାତୀଦଳାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ କ୍ଷତିପୂରଣ ଦାବି ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ପଞ୍ଚାୟତର ବାଙ୍କିପାଲି ଗାଁର ଲୋକଙ୍କ ଆଖିରୁ ନିଦ ହଜିଛି। ସୋନପୁର ରେଞ୍ଜ ଅଧିନସ୍ଥ ବାରପାହାଡ ଜଙ୍ଗଲରୁ ହାତିପଲ ଆସି ଚାଷକୁ ଦଳି ଚକଟି ନଷ୍ଟ କରୁଛନ୍ତି। ଏପରିକି ଗତ କିଛି ଦିନ ତଳେ ହାତୀ ଆସି ଜଣଙ୍କର ଜୀବନ ନେଇଯାଇଛି ଓ ଏହି ଅଂଚଳକୁ ହାତୀ କେବେ ଆସୁ ନ ଥିବା ବେଳେ ଚଳିତ ବର୍ଷ ବାରମ୍ୱାର ହାତୀ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି ଓ ହାତୀ ଭୟରେ ଲୋକେ ଘରୁ ବାହାରୁ ନ ଥିବା ବେଳେ ହାତୀପଲ ଏହି ଗାଁରୁ ଯାଉ ନ ଥିବା ଲୋକେ କହୁଛନ୍ତି ଓ ବନ ବିଭାଗ ହାତୀର ସୂଚନା ଲୋକମାନଙ୍କୁ ଦେଉ ନ ଥିବା ବେଳେ ହାତୀ ଆସିବା ଖବର ଦେଲେ ମଧ ବନ କର୍ମଚାରୀମାନେ ଆସୁ ନଥିବା ସାଧାରଣ ଲୋକ ଅଭିଯୋଗ କରିଛନ୍ତି ଓ ଏପରିକି ବନ ବିଭାଗ ଯୋଗୁଁ ହାତୀ ଗାଁ ମୁହାଁ ହୋଇ କ୍ଷୟକ୍ଷତି ଘଟାଉଥିବା ଅଭିଯୋଗ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ପାଖାପାଖି ୧୯ପ୍ରତିଶତ ଜଙ୍ଗଲ ଥିବା ବେଳେ ୩୦ରୁ ୩୨ଟି ହାତୀ ଜିଲ୍ଲାରେ ରହୁଥିବା ସୂଚନା ରହିଛି। ଜିଲ୍ଲାର ଉଲୁଣ୍ଡା ସିଂହାସନ ଜଙ୍ଗଲରେ ୧୭ଟି ହାତୀ ଥିବା ବେଳେ ସୋନପୁର ରେଞ୍ଜ ଅଧିନସ୍ଥ ବାରପାହାଡ ଜଙ୍ଗଲରେ ୧୨ଟି ହାତୀ ରହୁଛନ୍ତି। ଏହି ହାତୀପଲ ଖାଦ୍ୟ ତଥା ପାଣି ଅନୁସନ୍ଧାନରେ ଗାଁ ମୁହାଁ ହେଉଥିବା ବେଳେ ଚଳିତ ବର୍ଷ ଜିଲ୍ଲାର ଉଲୁଣ୍ଡା, ବୀରମହାରାଜପୁର , ବିନିକା ଅଂଚଳରେ ହାତୀ ଆସି ବ୍ୟପକ ଫସଲ ନଷ୍ଟ କରିବା ସହିତ ଧନଜୀବନ ମଧ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ତେବେ ଗତ କିଛି ଦିନ ହେଲା ସୋନପୁର ରେଞ୍ଜ ଅଧିନସ୍ଥ ଲଛିପୁର ପଞ୍ଚାୟତର ବିଭିନ୍ନ ଗାଁରେ ହାତୀ ଉତ୍ପାତ ମଚାଇ ଧନଜୀବନ ନଷ୍ଟ କରୁଛନ୍ତି। ବନ ବିଭାଗ ହାତୀ ଘଉଡାବାରେ ବିଫଳ ହେଉଥିବା ବେଳେ ହାତୀ ଟ୍ରେକିଂ କରିବାରେ ମଧ ବିଫଳ ହେଉଛି। ଏପରିକି ହାତୀ ଦ୍ୱାରା ହେଉଥିବା କ୍ଷୟକ୍ଷତିର କ୍ଷତିପୂରଣ ଦିଆଯାଉ ନଥିବା ଅଭିଯୋଗ କରିଛନ୍ତି ସାଧାରଣ ଲୋକ। ଅପରପକ୍ଷରେ ହାତୀ କ୍ଷୟ କ୍ଷତିର ଆକଳନ କରାଯାଉଥିବା ବେଳେ ଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି ଜିଲ୍ଲା ବନ ବିଭାଗ ଅଧିକାରୀ। ତେବେ ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ଢାଞ୍ଚାରେ ଚାଲିଛି ସୁବର୍ଣ୍ଣପୁର ଜିଲ୍ଲା ବନ ବିଭାଗ। ଜିଲ୍ଲାରେ ବାରମ୍ୱାର ହାତୀ ଉପଦ୍ରବରେ ଧନ ଜୀବନ ନଷ୍ଟ ହେଉଥିଲେ ମଧ ବନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ନିହାତି ପରିତାପର ବିଷୟ।

# ଜିଲ୍ଲାରେ ମଧ୍ୟାହ୍ନ ଭୋଜନ ଚାଉଳ ଓ ଛାତ୍ରଛାତ୍ରୀଙ୍କ ରେସନ ଟଙ୍କା ମିଳିନାହିଁ

**ଜଗତ୍‌ସିଂହପୁର :** କୋଭିଡ଼ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ସବୁ ବନ୍ଦ କରିଦିଆଯାଇଥିବା ବେଳେ ଜାନୁଆରୀ ୨୦୨୧ ଠାରୁ ଆଜି ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଇ ଦିଆଯାଇନାହିଁ। ସେହିପରି ମଧ୍ୟାହ୍ନ ଭୋଜନ ସାଙ୍ଗରେ ଥିବା ରେସନ ଟଙ୍କାକୁ ୨୦୨୦ ମାର୍ଚ୍ଚ ୧୫ତାରିଖଠାରୁ ବନ୍ଦ କରିଦିଆଯାଇଥିବା ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଖବର ପ୍ରକାଶ ପାଇଛି । ଏ ସମ୍ପର୍କରେ ଆମ ପ୍ରତିନିଧି ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ବେହେରାଙ୍କ ସହିତ ଯୋଗାଯୋଗ କରିବାରେ ସେ କହିଥିଲେ ଯେ, ଏ ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ଚାଉଳ ଯୋଗାଇ ଦିଆଯାଇଛି ହେଲେ ଯେଉଁ ସ୍କୁଲମାନଙ୍କୁ ଯୋଗାଇ ଦିଆଯାଇ ନାହିଁ ବୋଲି ଅଭିଯୋଗ ହେଉଛି ଏହା ଏକ ଗୁଜବ ବୋଲି ସେ ପ୍ରକାଶ କରିଥିଲେ। ମଧ୍ୟାହ୍ନ ଭୋଜନ ଯୋଗାଇବା ଘଟଣା ଏକ ଚିନ୍ତାଜନକ ହୋଇଥିବାରୁ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ର ଦୃଷ୍ଟି ଦେବା ସହିତ ଯେଉଁ ସ୍କୁଲକୁ ଚାଉଳ ପହଞ୍ଚି ପାରିନାହିଁ ତାହା ଖୁବ୍ ଶୀଘ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ବାବଦରେ ଚାଉଳ ଓ ରେସନ ସାମଗ୍ରୀ ଯୋଗାଇ ଦେଉଥିବା ବେଳେ କୋଭିଡ୍ ମହାମାରୀ ଯୋଗୁ ସ୍କୁଲ ବନ୍ଦ ହୋଇଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଚାଉଳ ଓ ରେସନ ଟଙ୍କା ବାବଦ ଆକାଉଣ୍ଟକୁ ଛାଡିବା ପାଇଁ ସରକାର ଯୋଜନା କରିଥିବା ବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ହେଉଥିବାର ପରିଲକ୍ଷିତ ହେଉଛି। ଅନ୍ୟ ଜିଲ୍ଲାକୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଯୋଗାଇ ଦିଆଯାଇଥିବା ବେଳେ ଜଗତ୍‌ସିଂହପୁର ଜିଲ୍ଲା ପ୍ରତି ଅବହେଳାକୁ ନେଇ ଅଭିଭାବକମାନଙ୍କ ମହଲରେ ଆଶଙ୍କା ସୃଷ୍ଟି ହୋଇଛି।

# ଆଗରପଡ଼ା କଲେଜ ଅଧକ୍ଷଙ୍କ ବିୟୋଗ



**ଭଦ୍ରକ :** ଆଗରପଡ଼ା କଲେଜର ଭାରପ୍ରାପ୍ତ ଅଧକ୍ଷ ଜଗବନ୍ଧୁ ବାରିକଙ୍କର ୫୮ ବର୍ଷ ବୟସରେ ଆଜି କଟକର ଏକ ଘରୋଇ ମେଡ଼ିକାଲରେ ଅକାଳ ବିୟୋଗ ଘଟିଛି। ସେ ହୃଦରୋଗ ଓ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଗତ କିଛିଦିନ ହେବ ଚିକିତ୍ସାଧୀନ ଥିଲେ। ସେଠାରୁ ତାଙ୍କ ମରଶରୀରକୁ ଅଣାଯାଇ ଜନ୍ମସ୍ଥାନ ସିମୁଳିଆ ବ୍ଲକ ଅନ୍ତରାରେ ଶେଷକୃତ ସମ୍ପନ୍ନ କରାଯାଇଛି। ଆଗରପଡ଼ା ମହାବିଦ୍ୟାଳୟର ଅଧାପକ ବିକାଶ କୁମାର ମହାପାତ୍ର, କ୍ରିଡ଼ା ଶିକ୍ଷକ ପ୍ରଦିପ ନାୟକ, ମୁଖ୍ୟ ସହାୟକ ବିଜୟ ଦାସ, ଲୋକନାଥ ମହାନ୍ତି, ଅଜୟ ଦାସ, ଅଶୋକ ସାହୁ, ରାଜକୁମାର ପାଲ ପ୍ରମୁଖ କର୍ମଚାରୀମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ସ୍ୱର୍ଗତ ବାରିକ ୫ ବର୍ଷ ପୂର୍ବେ ଏହି କଲେଜରେ ଅର୍ଥନୀତି ଅଧାପକ ଭାବେ ଯୋଗଦେଇ ପରବର୍ତ୍ତୀ ସମୟରେ ଭାରପ୍ରାପ୍ତ ଅଧକ୍ଷ ଦାୟିତ୍ୱ ତୁଲାଇ ଆସୁଥିଲେ। ଅନ୍ୟପକ୍ଷରେ ସ୍ୱର୍ଗତ ବାରିକଙ୍କ ବିୟୋଗରେ କଲେଜ ପରିସରରେ ଏକ ଶୋକସଭା ଅଧାପକ ବିକାଶ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ବହୁମୁଖୀ ପ୍ରତିଭାର ଆଲୋଚନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ପ୍ରଶାସନିକ ଅଧିକାରୀଙ୍କ କ୍ୱାରେଣ୍ଟାଇନ୍ କେନ୍ଦ୍ର ପରିଦର୍ଶନ

**ଭଦ୍ରକ :** ଅନ୍ୟ ରାଜ୍ୟ ଗୁଡ଼ିକରୁ ଲୋକେ ଘରମୁହାଁ ହେଉଥିବାରୁ ଆଗକୁ କରୋନା ପଜିଟିଭ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କ୍ୱାରେଣ୍ଟାଇନ ସେଣ୍ଟର ଖୋଲିବା ନିହାତି ଆବଶ୍ୟକ ହୋଇ ପଡ଼ିଛି । ଏହି ବ୍ଲକରେ ଅମାନିଆଙ୍କ ସଂଖ୍ୟା ବଢୁଥିବାର ପରିଲକ୍ଷିତ ହୋଇଛି। ଏପରିକି ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଅମାନିଆମାନେ ବଜାରଘାଟରେ ବସି ତାସ ଖେଳୁଥିବାର ବିଡ଼ିଓଙ୍କ ନଜରକୁ ଆସିଛି। ଅମାନିଆଙ୍କ ବିରୁଦ୍ଧରେ ଆଗକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ତାଗିଦ କରିଛନ୍ତି। ଆଜି ଏହି ବ୍ଲକର ନିଳୋକ ଆଦର୍ଶ ବିଦ୍ୟାଳୟ ଓ ଆଗରପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ବୁଲି ଦେଖିଛନ୍ତି ବିଭାଗୀୟ ଅଧିକାରୀ। ଏଡ଼ିଏମଓ ଶିବାଶିଷ ମହାରଣା, ବିଡ଼ିଓ ରେବେକା ବିଲୁଙ୍ଗ, ବିପିଏମ ସରିତା ମହାପାତ୍ର, ଶାଖା ଆଶିଷ୍ଟାଣ୍ଟ ମ୍ୟାନେଜର କଳ୍ପନା ସାମଲ, ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରିଣି ବିଳାସିନୀ ବେହେରା, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଦର୍ଶନରେ ଉପସ୍ଥିତ ଥିଲେ।

# ଡାକ୍ତର ସମସ୍ୟା ପାଇଁ ଧାରଣା

## ଉପଖଣ୍ଡ ଚିକିତ୍ସା ଅଧିକାରୀ ଓ ମେଡିକାଲ ଅଫିସରଙ୍କୁ ତାଲା





**ଉଦଳା, (ନିରୁପମା ରଣା) :** ମେଡିକାଲ ଅଛି ହେଲେ ନାହାନ୍ତି ଡାକ୍ତର। ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକର ଏ ହେଉଛି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ମେଡିକାଲରେ ଚାରିଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ଏଠାରେ ଜଣେ ହେଲେ ଡାକ୍ତର ନାହାନ୍ତି। ଯାହାଦ୍ୱାରା ରୋଗୀମାନେ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଜଣେ ଗୁରୁତର ରୋଗୀ ଚିକିତ୍ସା ହୋଇ ନପାରିବାରୁ ଗ୍ରାମବାସୀମାନେ ମେଡିକାଲ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ନିୟମିତ ଡାକ୍ତର ନିଯୁକ୍ତି ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଗ୍ରାମବାସୀ କହିଛନ୍ତି। ଘଟଣାର ସମାଧାନ ପାଇଁ ଆସିଥିବା ମେଡଇକାଲ ଇନଚାର୍ଜଙ୍କୁ ଗ୍ରାମବାସୀମାନେ ଅଟକ ରଖିଥିଲେ। ଏ ନେଇ ମେଡିକାଲ ଅଫିସରଙ୍କୁ ପଚାରିବାରୁ ସେ ସମସ୍ୟା ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ସକାଳ ୯ଟା ଠାରୁ ଏହି ଧାରଣା ଚାଲିଥିବା ବେଳେ ଘଟଣା ସ୍ଥଳକୁ କପ୍ତିପଦା ଉପଖଣ୍ଡ ଚିକିତ୍ସା ଅଧିକାରୀ ଶିବାନନ୍ଦ ମହାନ୍ତି ବୁଝାସୁଝା କରିବା ପାଇଁ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଅଫିସ ରୁମ୍‌ରେ ତାଲା ପକାଇ ଦେଇଥିଲେ। ତେବେ ଲୋକମାନଙ୍କ କହିବା ଅନୁଯାୟୀ ଘଟଣା ସ୍ଥଳକୁ ସିଡିଏମ୍‌ଓ ନ ଆସିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି। ଘଟଣା ସ୍ଥଳରେ ପୋଲିସ ମୁତୟନ ରହିଛନ୍ତି । ଏହାପରେ ମୟୂରଭଞ୍ଜ ଜିଲ୍ଲା ଏଡିସନାଲ ହେଲଥ ପବ୍ଲିକ ଅଫିସର ଧାରଣାରେ ବସିଥିବା ଲୋକମାନଙ୍କୁ ଡାକ୍ତର ନିୟମିତ ନିଯୁକ୍ତି ଦେବା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହେବା ସହ ଚାରିଘଣ୍ଟା ପରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ମୁକୁଳିଥିଲେ।

# ଏବେ ବି ଗାଁ ଗହଳି ମାନଙ୍କରେ ଲିଭିନି ସଂସ୍କୃତି ସମ୍ପନ୍ନ ଘଣ୍ଟ ନୃତ୍ୟ



**ଜଗତସିଂହପୁର :** ଓଡ଼ିଶାରେ ବାରମାସରେ ପାଳିତ ହୁଏ ତେର ପର୍ବ। ଏବେବି ଗାଁ ଗହଳିରେ ପ୍ରବୃଦ୍ଧ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମତରେ କଳିଯୁଗ ଚାଲିଥିଲେ ବି ଏ ପର୍ଯ୍ୟନ୍ତ ଶେଷ ହୋଇପାରିନି ଆମ ସଂସ୍କୃତି ଓ ପରମ୍ପରା। ଠାକୁରାଣୀଙ୍କ ଘଣ୍ଟ ନୃତ୍ୟ ପରମ୍ପରା ଉତ୍ସବ କେଉଁ ଆଦିମ କାଳରୁ ମୀନ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଶେଷ ହୋଇଥାଏ। ପ୍ରାୟ ଏକମାସ ଧରି ବିଭିନ୍ନ ଦେବୀ ପୀଠର ରାଉଳ ଓ ପୂଜକମାନେ ମା'ଙ୍କ ଘଟ ଧରି ବିଭିନ୍ନ ଗାଁ ଓ ସାହି ବୁଲି ଘଣ୍ଟ ବଜାଇ ମୁଣ୍ଡରେ ଠାକୁରାଣୀଙ୍କ ଭାରା ଧରି ଅପରୂପ ଶୈଳୀରେ ନୃତ୍ୟ ପ୍ରଦର୍ଶନ କରି କୀର୍ତ୍ତୀ ସବୁ ବଜାଇ ରଖିଛନ୍ତି। ଏହି ରାଉଳ ମାନେ ଏକମାସ ଧରି ପୂର୍ବତନ ପରମ୍ପରାକୁ ବଜାଇ ରଖି ପ୍ରବଳ ଖରାସତ୍ତ୍ୱେ ବି ବ୍ରତପାଳନ କରି ଗାଁକୁ ଗାଁ ବୁଲି ଘଣ୍ଟ ବଜାଇ ମା'ଙ୍କ ନାମ ଧରି ଭୋଗରାଗ କରିଥାନ୍ତି। ଠାକୁରାଣୀଙ୍କ ମା'ଙ୍କ ରାଉଳ ମାନେ ନିଜ ଘରକୁ ନଜାଇ ବିଭିନ୍ନ ମଠ ମନ୍ଦିରରେ ରହି ସକାଳର ନିତ୍ୟକର୍ମ ସାରି ଗାଁ ଗାଁ ମାନଙ୍କରେ ଘଣ୍ଟ ବାଡେଇ ଲୋକମାନଙ୍କୁ ଘଣ୍ଟ ଆସିବ ବୋଲି କହି ଠାକୁରାଣୀଙ୍କ ପ୍ରତିମୂର୍ତ୍ତି ମୁଣ୍ଡାଇ ଘରକୁ ଘର ବୁଲି ଭୋଗରାଗ କରି ସେମାନଙ୍କ ପାରିଶ୍ରମିକ ବାବଦ ମୁଠେ ଚାଉଳ, ନଡିଆ ଓ ପନିପରିବା ନେଇ ପରିଭ୍ରମଣ କରିଥାନ୍ତି। ଏହି ଘଣ୍ଟ ରାଉଳମାନେ ପରିଶ୍ରମ କରି ଲୋକମାନଙ୍କ ପାଖରେ ମା'ଙ୍କୁ ରଖି ସମସ୍ତଙ୍କୁ ସିନ୍ଦୁର ଟିକେ ଲଗାଇ ସେମାନଙ୍କର ମାନସିକ ପୂରଣ କରିଥାନ୍ତି। ବହୁସ୍ଥାନରେ ଭକ୍ତମାନେ ସେମାନଙ୍କର ମାନସିକ ପୂରଣ ପାଇଁ ଠାକୁରାଣୀଙ୍କୁ ଲୁଗା ଓ ବସ୍ତ୍ର ପ୍ରଦାନ କରିଥାନ୍ତି। ନିଜ ଘରେ ମା'ଙ୍କ ଆଗମନଙ୍କୁ ନେଇ ଭକ୍ତ ମାନେ ଖୁବ୍ ବିଭୋର ହୋଇ ପଡିଥାନ୍ତି। ଜଗତ୍‌ସିଂହପୁର ଜିଲ୍ଲାରା ଆରାଧ ତଥା ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ଘଣ୍ଟ ବହୁ ରାଉଳଙ୍କ ଦ୍ୱାରା ସମଗ୍ର ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ମା' ଆଶିଷ ଭକ୍ତମାନଙ୍କ ପାଖରେ ପହଁଞ୍ଚାଇଥାନ୍ତି। ସେହିପରି ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନସ୍ଥାନକୁ କଟକ ଜିଲ୍ଲା ଅନ୍ତର୍ଗତ ନିଶ୍ଚିନ୍ତ କୋଇଲି ବ୍ଲକ୍‌ର ମା' ହରଚଣ୍ଡି ଓ ସିଦ୍ଧ ଦେବୀ ଠାକୁରାଣୀ ବି ଗାଁ ଗାଁ ବୁଲି ପରମ୍ପରା ଓ ସଂସ୍କୃତି ବଞ୍ଚାଇ ରଖିଛନ୍ତି । କରୋନା କଟକଣା ଯୋଗୁଁ ଗତବର୍ଷ ଠାକୁରାଣୀଙ୍କ ପ୍ରତିମୂର୍ତ୍ତି ଆଣି ବୁଲି ପାରିନଥିଲେ ବି ଚଳିତ ବର୍ଷ ସମସ୍ତ ଠାକୁରାଣୀ ବୁଲିବାର ଦେଖିବାକୁ ମିଳିଥିଲା। ମା'ଙ୍କ ଘଣ୍ଟ ଓ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ଧରିଲାଭଳି ଏକ କଷ୍ଟସାଧ ହୋଇଥିଲେ ବି ମା'ଙ୍କ ଆଶୀର୍ବାଦ ଥିବାରୁ ସେବାୟତ ବା ରାଉଳମାନଙ୍କର କୌଣସି ପ୍ରକାର କ୍ଷତି ହୋଇନଥିବାବେଳେ ଲୋକମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଚଳିତ ବର୍ଷ ମା'ଶାରଳାଙ୍କ ଘଣ୍ଟ ରାଉଳ ମିହିର କୁମାର ନାୟକ, କୁଳମଣି ନାୟକ ଓ ବିରକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଚାଲିଥିବାବେଳେ ମା' ହରଚଣ୍ଡି ଦେବୀଙ୍କ ରାଉଳ ଅଲେଖ ଚନ୍ଦ୍ର ରାଉତ ଓ ଅଜୟ ରାଉଳ ଏବଂ ମା' ସିଦ୍ଧ ଦେବୀ ଠାକୁରାଣୀଙ୍କ ରାଉଳ ବିଦ୍ୟାଧର ରାଉଳ ଓ ପୁରୁଷୋତ୍ତମ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଭ୍ରମଣ କରିଥିଲେ। ଦିନକୁ ଦିନ ଆମର ଅନେକ ପୁରାତନ ସଂସ୍କୃତି ଓ ପରମ୍ପରା ବୁଡିଯାଉଥିବା ବେଳେ ଘଣ୍ଟପାଟୁଆ ପରମ୍ପରା ବଞ୍ଚିରହିବାର ଦେଖି ଗାଁ ଗହଳି ମାନଙ୍କରେ ଚୈତ୍ରମାସ ଆସିରେ ଆନନ୍ଦର ଲହରି ଖେଳିଯାଇଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତୀବ୍ର ହେବ ...

ଏଥିରେ କୁହାଯାଇଛି, ଆଗାମୀ ଦିନ ଗୁଡିକରେ ଭାରତର କରୋନା ସ୍ଥିତି ସବୁଠାରୁ ଭୟଙ୍କର ରୂପ ଧାରଣ କରିବ। ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ବିଶେଷଜ୍ଞମାନେ ବର୍ତ୍ତମାନ ଭାରତରେ ଚାଲିଥିବା କରୋନା ସଂକ୍ରମଣ ଓ ମୃତ୍ୟୁର ଟ୍ରେଣ୍ଡକୁ ତର୍ଜମା କରିଥିଲେ। ଏହାପରେ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତରେ କରୋନା ମୃତ୍ୟୁ ମେ' ମାସ ମଧ ଭାଗରେ ପିକ୍‌ରେ ପହଞ୍ଚିବ। ମେ' ୧୦ରେ ଦୈନିକ ମୃତ୍ୟୁସଂଖ୍ୟା ୫,୬୦୦ ରହିବ। ଏପ୍ରିଲ ୧୨ରୁ ଅଗଷ୍ଟ ୧ ମଧ୍ୟରେ ଆଉ ୩,୨୯,୦୦୦ ଲୋକଙ୍କ କରୋନାରେ ପ୍ରାଣ ହରାଇବେ ବୋଲି ଗବେଷକମାନେ ଆକଳନ କରିଛନ୍ତି। ଗବେଷଣାରେ ଆହୁରି କୁହାଯାଇଛି ଯେ, ଯଦି ଏପ୍ରିଲ ଶେଷ ସୁଦ୍ଧା ୯୫% ଲୋକ କଡାକଡି ଭାବେ ମାସ୍କ ପିନ୍ଧିବେ, ତା'ହେଲେ ମୋଟ ମୃତ୍ୟୁସଂଖ୍ୟା ୭୦ ହଜାରକୁ ହ୍ରାସ ପାଇପାରିବ। ୨୦୨୦ ମସିହା ସେପ୍ଟେମ୍ବର ମାସରୁ ୨୦୨୧ ଫେବୃଆରୀ ମଧ ଭାଗ ଯାଏ ଭାରତରେ ଉଭୟ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ହ୍ରାସ ପାଇଥାଏ। କିନ୍ତୁ ଏପ୍ରିଲ ମାସରେ ନାଟକୀୟ ଢଙ୍ଗରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା। ଦୈନିକ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ସବୁ ରେକର୍ଡ ଭାଙ୍ଗି ଆଗକୁ ମାଡି ଚାଲିଛି। ଗତବର୍ଷ ସେପ୍ଟେମ୍ବର ତୁଳନାରେ ଦୈନିକ ସଂକ୍ରମଣ ଏବେ ଦୁଇଗୁଣା ହୋଇଯାଇଛି। ଏପ୍ରିଲ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ଦୈନିକ ସଂକ୍ରମଣ ୭୧ ବୃଦ୍ଧି ଘଟିଛି। ସେହିପରି ଦୈନିକ ମୃତ୍ୟୁସଂଖ୍ୟା ୫୫% ବଢ଼ିଛି। କରୋନା କଟକଣାରେ ଉଲ୍ଲଙ୍ଘନ ଓ ମାସ୍କ ପିନ୍ଧିବାରେ ଲୋକେ କୁଣ୍ଠାବୋଧ କରିବାରୁ ଏଭଳି ସ୍ଥିତି ଉପୁଜିଛି। ଚଳିତ ବର୍ଷ ମାଚ୍ଚ ଶେଷ ସପ୍ତାହରେ ଦୈନିକ ସଂକ୍ରମଣ ୭୮ ହଜାର ଥିବା ବେଳେ ଏପ୍ରିଲ ପ୍ରଥମ ସପ୍ତାହରେ ଏହା ହଠାତ୍ ୧,୩୩,୪୦୦ରେ ପହଞ୍ଚି ଯାଇଥିଲା। ସେହିପରି ଏହି ସମୟରେ ଦୈନିକ ମୃତ୍ୟୁ ୯୭୦ ରୁ ବଢ଼ି ହାରାହାରି ୧୫ଶହ ଛୁଇଁଥିଲା। ଛତିଶଗଡ, ମହାରାଷ୍ଟ୍ର ଓ ପଞ୍ଜାବରେ ମୃତକଙ୍କ ସଂଖ୍ୟା ଅଧିକ ରେକର୍ଡ ହୋଇଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏପ୍ରିଲ ୧୨ ସୁଦ୍ଧା ଦେଶର ୨୪ ଲୋକ କରୋନା ଦ୍ୱାରା ସଂକ୍ରମିତ ହୋଇସାରିଛନ୍ତି। ଆଇଏଚ୍‌ଏମ୍‌ଇର ବିଶେଷଜ୍ଞମାନେ ଆଶା ରଖିଛନ୍ତି ଯେ, ଭାରତରେ ଆରମ୍ଭ ହୋଇଥିବା ଟିକାକରଣ ଜୋରଦାର ହେବ। ଟିକାକରଣ ଜୋରଦାର ହେଲେ ଜୁଲାଇ ଶେଷ ସୁଦ୍ଧା ଆକଳନ ଠାରୁ ମୃତ୍ୟୁମୁଖରୁ ୮୫,୬୦୦ ଜଣଙ୍କ ଜୀବନ ରକ୍ଷା କରାଯାଇପାରିବ।

### 'ଶେଷ ଅସ୍ତ୍ର ହେଉ ...

ଦେଶରେ ବର୍ତ୍ତମାନ ଅମ୍ଳଜାନର ଚାହିଦା ବଢ଼ିଛି। ବିଭିନ୍ନ ରାଜ୍ୟରୁ ଅମ୍ଳଜାନର ଅଭାବ ଅଭିଯୋଗ ଆସିଛି। ଏହାକୁ ଦୂର କରିବା ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ପ୍ରାଇଭେଟ୍ କ୍ଷେତ୍ର ଗୁଡିକ ପ୍ରୟାସ କରୁଛନ୍ତି। ସବୁ ଲୋକଙ୍କୁ ଅମ୍ଳଜାନ ଯୋଗାଇ ଦେବାକୁ ଚେଷ୍ଟା କରାଯାଉଛି। ରାଜ୍ୟରେ ନୂଆ ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା ଠାରୁ ଆରମ୍ଭ କରି ସବୁ ପ୍ରକାରର ବ୍ୟବସ୍ଥା ଆପଣା ଯାଉଛି। କରୋନା ବଢ଼ିବାରୁ ଔଷଧ ଉତ୍ପାଦନ ବୃଦ୍ଧି ପାଇଛି। ଜାନୁଆରୀ / ଫେବୃଆରୀ ତୁଳନାରେ ଏବେ ଦେଶରେ ଜରୁରୀ ଔଷଧର ଉତ୍ପାଦନ ବୃଦ୍ଧି ପାଉଛି। ଏ ସମ୍ପର୍କରେ ମୁଁ ଦେଶର ବଡବଡ ଫାର୍ମା କମ୍ପାନୀ ସହ ମଧ କଥା ହୋଇଛି। ଆଗକୁ ଔଷଧ ଉତ୍ପାଦନ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ନିଆଯାଉଛି। ଦେଶର ବିଭିନ୍ନ ସ୍ଥାନରେ ବିଶାଳ କୋଭିଡ୍ ହସ୍ପିଟାଲ ତିଆରି କରାଯାଉଛି। ଗତବର୍ଷଠାରୁ ଟିକା ତିଆରି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଏବେ ବିଶ୍ୱର ସବୁଠାରୁ ପ୍ରଭାବୀ ଟିକା ଆମ ଦେଶରେ ଉତ୍ପାଦନ ହେଉଛି। ଦୁଇଟି ମେଡ୍ ଇନ୍ ଇଣ୍ଡିଆ ଟିକା ଦ୍ୱାରା ଭାରତରେ ବିଶ୍ୱର ସବୁଠାରୁ ବଡ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାରତରେ ସବୁଠାରୁ କମ ସମୟରେ ପ୍ରଥମେ ୧୦ କୋଟି ପରେ ୧୧ କୋଟି ଓ ୧୨ କୋଟି ଲୋକଙ୍କୁ ଟିକା ଦିଆଯାଇଛି। ବରିଷ୍ଠ ନାଗରିକ ଠାରୁ ଆରମ୍ଭ କରି ଅନ୍ୟ ବର୍ଗର ଲୋକଙ୍କୁ ଟିକା ଦିଆଯାଉଛି। ମେ' ୧ ରୁ ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ଟିକା ଦିଆଯିବ। ଭାରତରେ ଯେଉଁ ଟିକା ଉତ୍ପାଦନ ହେବ, ତା'ର ୫୦% ରାଜ୍ୟମାନଙ୍କୁ ଦିଆଯିବ। ପୂର୍ବଭଳି କେନ୍ଦ୍ର ସରକାର ୪୫ ବର୍ଷରୁ ଅଧିକ ବୟସ୍କଙ୍କୁ ଟିକା ଦେବେ। ସରକାରୀ କେନ୍ଦ୍ର ଗୁଡିକରେ ଲୋକଙ୍କୁ ମାଗଣାରେ ଟିକା ମିଳିବ। ଆମକୁ ଜୀବନ ରକ୍ଷା ସହ ଅର୍ଥନୀତିକୁ ମଧ ଗୁରୁତ୍ୱ ଦେବାକୁ ପଡିବ। ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଶ୍ରମିକମାନଙ୍କ ଟିକାକରଣ କରିବେ। ଶ୍ରମିକମାନେ ଯେଉଁଠି ରହୁଛନ୍ତି, ସେହିଠାରେ ହିଁ ରୁହନ୍ତୁ। ସେମାନଙ୍କୁ ସେହି ସ୍ଥାନରେ ହିଁ ଟିକା ଦିଆଯିବ। ରାଜ୍ୟ ସରକାରମାନେ ନିଜନିଜ ଅଞ୍ଚଳରେ କାମ କରୁଥିବା ବାହାର ପ୍ରଦେଶର ଶ୍ରମିକଙ୍କୁ ସମସ୍ତ ପ୍ରକାରର ସହଯୋଗ କରନ୍ତୁ। ସେମାନଙ୍କୁ ଶୀଘ୍ର ଟିକା ମିଳିବ ବୋଲି ପ୍ରତିଶ୍ରୁତି ଦିଅନ୍ତୁ। ପୂର୍ବବର୍ଷ ତୁଳନାରେ ଏଥର ସବୁକିଛି ବଦଳି ଯାଇଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ପିପିଇ କିଟ୍ ଠାରୁ ଆରମ୍ଭ କରି ଟେଷ୍ଟିଂ ଲ୍ୟାବ ରହିଛି। ଆମେ ସମସ୍ତେ ଏକାଠି ଲଢ଼େଇ କରି ଦେଶକୁ ଏଯାଏ ଆଣିଛୁ। ଆଗକୁ ମଧ ଆମେ ଜନଭାଗିଦାରୀ ସହ ଆମେ କରୋନାକୁ ହରାଇ ପାରିବା। ଲୋକଙ୍କ ସେବା କରୁଥିବା ସଂଗଠନ ଗୁଡିକୁ ମୁଁ ହୃଦୟରୁ ଧନ୍ୟବାଦ ଜଣାଉଛି। ସମସ୍ତେ ସହଯୋଗ କରିବାକୁ ଆଗକୁ ଆସନ୍ତୁ। ଯୁବଗୋଷ୍ଠୀ ଛୋଟଛୋଟ କମିଟିଇ କରି କରୋନା କଟକଣା ମାନିବାକୁ ଲୋକଙ୍କୁ କୁହନ୍ତୁ। ଏହାଦ୍ୱାରା ସରକାରଙ୍କ କୌଣସି କଣ୍ଟେନମେଣ୍ଟ ଜୋନ କରିବାର ଆବଶ୍ୟକ ପଡିବନାହିଁ। ଛୋଟ ପିଲାମାନେ ସ୍ୱଚ୍ଛତା ଅଭିଯାନ ବେଳେ ଲୋକଙ୍କୁ ସଚେତନ କରିଥିଲେ। ଏବେ ସେମାନେ ଆଗକୁ ଆସି ନିଜ ଆଖପାଖ ଅଞ୍ଚଳର ଲୋକଙ୍କୁ ସଚେତନ କରନ୍ତୁ। ରାଜ୍ୟ ସରକାରମାନେ ଲକଡାଉନକୁ ଅନ୍ତିମ ବିକଳ୍ପ ଭାବେ ବ୍ୟବହାର କରନ୍ତୁ। ମାଇକ୍ରୋ କଣ୍ଟେନମେଣ୍ଟକୁ ଅଧିକ ଗୁରୁତ୍ୱ ଦିଅନ୍ତୁ। ଆମକୁ ଜୀବନ ସହ ଅର୍ଥନୀତିକୁ ମଧ ଆଗକୁ ନେବାର ଅଛି। ତେଣୁ ରାଜ୍ୟ ସରକାରମାନେ ଲକଡାଉନ କରିବା ପୂର୍ବରୁ ଭଲ ଭାବେ ସବୁ କିଛି ଭାବନ୍ତୁ। ଆଜି ଦେଶକୁ ଲକଡାଉନରୁ ବର୍ତ୍ତିବାକୁ ହେବ। କିନ୍ତୁ ଦେଶବାସୀ କରୋନା ଗାଇଡଲାଇନକୁ କଡାକଡି ଭାବେ ପାଳନ କରନ୍ତୁ। ଯୁବଗୋଷ୍ଠୀଙ୍କ ସହଯୋଗ ମିଳିଲେ, ଆଉ ଦେଶରେ ଲକଡାଉନ କରିବାକୁ ପଡିବ ନାହିଁ ବୋଲି ମୋଦି କହିଛନ୍ତି।

### ଛଅ ରାଜ୍ୟକୁ ...

ସଡକପଥରେ ଅମ୍ଳଜାନ ଯୋଗାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଆଇନଶୃଙ୍ଖଳା ଏଡିଜିଙ୍କ ତତ୍ତ୍ୱାବଧାନରେ ଅମ୍ଳଜାନ ପଠାଯାଉଛି। ଅମ୍ଳଜାନ ଟ୍ୟାଙ୍କର ଆଗରେ ଓ ପଛରେ ଏସକର୍ଟ ଭ୍ୟାନ୍ ଜଗୁଛନ୍ତି। ଅମ୍ଳଜାନ ଯୋଗାଣରେ ବିଳମ୍ବ ନକରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ଚିହ୍ନଟ ...

ଭାରତବର୍ଷରେ ଦିଆ ସରିଛି। ଓଡ଼ିଶାରେ ୫୪ ଲକ୍ଷ ଡୋଜ କରାଯାଇଛି। ଟିକା ନେଲେ ମୃତ୍ୟୁ ହାର କମ୍ ରହିବ ଅଧିକ ସଂକ୍ରମଣ ହେବ ନାହିଁ। ଓଡ଼ିଶାରେ ଟିକାର ପ୍ରଥମ ଡୋଜ ନେଇ ପାଖାପାଖି ୫୦ଜଣ ସଂକ୍ରମଣ ହେଇଛନ୍ତି। ଦ୍ୱିତୀୟ ଡୋଜ ନେଲେ ସଂକ୍ରମଣ ହେବ ନାହିଁ। ଶନି ଓ ରବିବାର ଟିକାକରଣ କାର୍ଯ୍ୟକ୍ରମ ବନ୍ଦ ରହିବ। ସୋମବାର ଠାରୁ ଶୁକ୍ରବାର ଟୀକା କରଣ ଚାଲୁରହିବ। ଟିକା ଅଭାବରୁ ୮୦୦ କେନ୍ଦ୍ର ବନ୍ଦ ଅଛି। ୧୮ବର୍ଷରୁ ୧ତାରିଖରୁ ଟିକାକରଣ ହେବ। ଏନେଇ ଭାରତ ସରକାର ଗାଇଡଲାଇନ ଦେଲେ ସେହି ଅନୁସାରେ ଟିକାକରଣ ହେବ। ଅନ୍ୟପଟେ ରାଜ୍ୟରେ ସଂକ୍ରମଣ ମାମଲା ବଢୁଥିବାରୁ ଟେଷ୍ଟିଂ ବଢ଼ାଇବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛି। ରାଜ୍ୟରେ ଦୈନିକ ୫୦ ହଜାର କରୋନା ଟେଷ୍ଟ କରାଯିବ। ଏବେ ଦୈନିକ ୪୩ ହଜାର ଟେଷ୍ଟିଂ କରାଯାଉଛି। ବେସରକାରୀ ହସ୍ପିଟାଲରେ ୫୦ ପ୍ରତିଶତ ବେଡ୍ ସଂରକ୍ଷଣ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର।

### ଭିରାଫିନ୍‌କୁ ...

(ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ) ଅନୁମୋଦନ ଦେଇଛି। ଜରୁରୀକାଳୀନ ବ୍ୟବହାର ପାଇଁ ଡିସିଜିଆଇ ଏହି ଔଷଧକୁ ବ୍ୟବହାର ପାଇଁ ଅନୁମତି ଦେଇଛି। କରୋନା ରୋଗୀଙ୍କ ପାଇଁ ବର୍ତ୍ତମାନ ଫାଭିପିରାଭିର ଓ ରେମଡେସିଭିର ବ୍ୟବହାର କରାଯାଉଛି। ସୂଚନା ମୁତାବକ କମ୍ପାନୀ ଦାବି କରିଛି ୯୧.୧୫ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଏହା ସଫଳ ହୋଇଛି। କମ୍ପାନୀ ଦାବି କରିଛି ଯେ, ପେଗିଲେଟେଡ୍ ଇଣ୍ଟରଫେରନ୍ ଆଲଫା ୨ ବି (ଭିରାଫିନ) ଔଷଧ ୧୮ ବର୍ଷରୁ ଅଧିକ ବୟସ୍କ ଓ ସାମାନ୍ୟ ଲକ୍ଷଣ ଥିବା ରୋଗୀଙ୍କ କ୍ଷେତ୍ରରେ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି। ଗତ ସପ୍ତାହରେ କମ୍ପାନୀ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଏହି ଔଷଧ ରୋଗୀଙ୍କୁ ଶୀଘ୍ର ସୁସ୍ଥ କରିବାରେ ସାହାଯ୍ୟ କରିଥାଏ। ରେମଡେସିଭିର ବର୍ତ୍ତମାନ ଦେଶରେ କରୋନା ଚିକିତ୍ସାରେ ବ୍ୟବହୃତ ହେଉଛି। ସେଥିପାଇଁ ସରକାର ଏହାର କଞ୍ଚାମାଲ ତଥା ଆଣ୍ଟି-ଭାଇରାଲ ଔଷଧ ତିଆରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଉପରେ ସୀମା ଶୁଳ୍କ ଛାଡ କରିବାକୁ ଘୋଷଣା କରିଛନ୍ତି। ରେମାଡେସିଭର ଏକ ଆଣ୍ଟି-ଭାଇରାଲ ଔଷଧ। ଇବୋଲା ମହାମାରୀ ସମୟରେ ଏହାର ପରୀକ୍ଷା କରାଯାଇଥିଲା। କରୋନାକୁ ମାତ ଦେବା ପାଇଁ ରେମାଡେସିଭିର ଏକ ଔଷଧ ନୁହେଁ। ଏହା ଶରୀରରେ ଭୂତାଣୁ ବଢ଼ିବାରେ ରୋକିଥାଏ ବୋଲି ଜଣାଯାଇଛି।

### କରୋନା କାଳରେ ...

ଏପରି ପଦକ୍ଷେପ ନେଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ୮୦ କୋଟି ଲୋକ ଏହି ଯୋଜନା ଦ୍ୱାରା ଲାଭବାନ ହେବେ। ସମସ୍ତଙ୍କୁ ମାଗଣା ରାସନ ମିଳିବ। ସେହିପରି ଲୋକମାନେ ପୂର୍ବଭଳି ୫ କେଜି ଗହମ, ଚାଉଳ ଓ ଡାଲି ଯଥାକ୍ରମେ ୩, ୨ ଓ ୧ ଟଙ୍କାରେ ଅତିରିକ୍ତ ଭାବେ ମଧ କିଣିପାରିବେ। ଗତବର୍ଷ ମଧ କରୋନା ସଂକ୍ରମଣ ବେଳେ କେନ୍ଦ୍ର ସରକାର ଲୋକଙ୍କୁ ମାଗଣାରେ ରାସନ ଯୋଗାଇବାକୁ ଆରମ୍ଭ କରିଥିଲେ। ଏବେ ଉତ୍ତରାଖଣ୍ଡ ଓ କେରଳ ଭଳି ରାଜ୍ୟ ପୁଣିଥରେ ଏହି ଯୋଜନା ଆରମ୍ଭ କରିବାକୁ କେନ୍ଦ୍ରକୁ ନିବେଦନ କରିଥିଲେ। କେନ୍ଦ୍ର ସରକାର ଏହାକୁ ଗ୍ରହଣ କରି ମାଗଣା ରାସନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ କରୋନା ସଂକ୍ରମଣ ଦ୍ୱିତୀୟ ଲହର ଚାଲିଥିବାରୁ ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ୩ଟି ରାଜ୍ୟ ଯଥା ରାଜସ୍ଥାନ, କେରଳ ଏବଂ ଉତ୍ତରାଖଣ୍ଡ ପକ୍ଷରୁ ଦାବି କରାଯାଇଥିଲା। ଏଥିସହିତ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସମେତ ୪ଜଣ ଏମ୍‌ପି ମଧ ଗତବର୍ଷ ସରକାର କାର୍ଯ୍ୟକାରୀ କରିଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ପୁନଃ ଆରମ୍ଭ କରିବା ଲାଗି ଦାବି କରିଥିଲେ। ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଚାଲିଥିବା ବେଳେ ଗରିବ ଲୋକଙ୍କୁ ପୁଷ୍ଟିକର ଖାଦ୍ୟଶସ୍ୟ ଯୋଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମେ' ଓ ଜୁନ୍ ଦୁଇ ମାସ ପାଇଁ ଗରିବ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଗତବର୍ଷ କରୋନାର ପ୍ରଥମ ଲହର ସମୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ପ୍ରଥମ ୨୦୨୦ ଏପ୍ରିଲ୍‌ରୁ ଜୁନ୍ ପର୍ଯ୍ୟନ୍ତ ୩ ମାସ ପାଇଁ ହିତାଧିକାରୀଙ୍କୁ ମାସିକ ମୁଣ୍ଡପିଛା ୫ କିଲୋ ଲେଖାଏଁ ଖାଦ୍ୟଶସ୍ୟ ମାଗଣା ଯୋଗାଇ ଦିଆଯାଇଥିଲା। ପରେ ଉକ୍ତ ଯୋଜନାକୁ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଜୀବିକା ହରାଇଥିବା ଗରିବ ପରିବାର ଗୁଡିକ ପାଇଁ ଏହା ଅନେକ ମାତ୍ରାରେ ଆଶ୍ୱସ୍ତି ଦେଇଥିଲା।

# ଚାଚା ନେହେରୁ



ଅକ୍ଷୟ କୁମାର ରାଉତ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ



ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

"ଆନନ୍ଦ ଭବନ" ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ " ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ" ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପଞ୍ଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଲକଙ୍କର ମୃତ୍ୟୁ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷରେ ଚାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।




ପଞ୍ଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଇଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ



ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୬ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଞ୍ଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

*ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି*
*ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*



# ଚଳ ପ୍ରକୃତି ମଣିଷର ଅଚଳ ବୁଦ୍ଧି !



ରବୀନ୍ଦ୍ର କୁମାର ମହାରଣା

ଭଗବାନ ନିଜର ଦୃଢ଼ତାକୁ, ନିଜର ସ୍ଥିତିକୁ, ନିଜର ଐଶ୍ୱରୀୟ ଶକ୍ତିର ପରାକାଷ୍ଠାକୁ ପ୍ରତିପାଦିତ କରାଇବା ପାଇଁ, ସଂସାରର ଗତି ପଥକୁ ଗତିଶୀଳ କରାଇବା ପାଇଁ ସୃଷ୍ଟି କରିଛନ୍ତି.... ଏକ ବିରାଟ କାୟ ଜୀବଜଗତ। ଏବଂ ସେହି ବିରାଟକାୟ ଜୀବଜଗତର ସର୍ବଶ୍ରେଷ୍ଠ, ବୁଦ୍ଧିମତା ଓ ଗତିଶୀଳ ଜୀବ ହେଲା ମନୁଷ୍ୟ। ତାକୁ ଦେଇଛନ୍ତି ସ୍ୱାତନ୍ତ୍ର। ତାକୁ ଦେଇଛନ୍ତି ବାକ୍ ଶକ୍ତି ତତ୍‌ସହ ତା'ର ଅନ୍ତରରେ ଭରି ଦେଇଛନ୍ତି- ସ୍ନେହ, ପ୍ରେମ ଓ ଦୁଃଖସୁଖର ଭାବ ପ୍ରବଣତା ଅନେକଙ୍କ ଅନ୍ତରରେ ପୁଣି ଭରି ଦେଇଛନ୍ତି; କାମ, କ୍ରୋଧ, ଲୋଭ, ମୋହ ପରି ଅନେକ ଆସୁରିକ ଶକ୍ତି ବିଷପୂର୍ଣ୍ଣ କଳସ ସଦୃଶ୍ୟ। କିଛି ଖଳ ପ୍ରକୃତିର ଲୋକ ନିଜର ଐଶ୍ୱରୀୟ ତଥା ସଦାଚାର କର୍ମରୁ ବିଚ୍ୟୁତ ହୋଇ ଅନ୍ୟର ସୁଖରେ ଈର୍ଷାନ୍ୱିତ ହୋଇ ସଂସାର ସୁଖରେ ପ୍ରତିବନ୍ଧକ ସୃଷ୍ଟି କରିବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏତଦ୍‌ବ୍ୟତୀତ ଧର୍ମ ବୈଷମ୍ୟ, ଜାତି ତଥା ବର୍ଣ୍ଣ ବୈଷମ୍ୟର ବିଷଜ୍ୱାଳାରେ ଜର୍ଜରିତ ହୋଇ ହିଂସାତ୍ମକ କର୍ମ ପନ୍ଥାକୁ ଆବୋରି ନିଅନ୍ତି। ସେ ଯାହା ବି ହେଉ ଏପରି ଦୁଃଖ ସୁଖ, କାମ କ୍ରୋଧର ଜଞ୍ଜାଳମୟ ପରିସ୍ଥିତିରେ ଏ ଜୀବଜଗତ ସବୁଦିନ ପାଇଁ ଅକ୍ଷୁର୍ଣ୍ଣ ରହୁ ଏହାହିଁ ଭଗବାନଙ୍କ ପଦାରବନ୍ଦିରେ ପ୍ରାର୍ଥନା କରିବା ଛଡା ଅନ୍ୟ ଉପାୟ କିଛି ନାହିଁ।

ପରାମାତ୍ମା ମାନବୀୟ କର୍ମର କର୍ମକୁଳତାକୁ ଆଖି ଆଗରେ ରଖି ମାନବ ଅନ୍ତରରେ ବହୁତ କିଛି ସୁଗୁଣ ଭରି ଦେଇଥିଲେ ମଧ୍ୟ ସମୟ ସମୟରେ ଚଳ ପ୍ରକୃତି ମଣିଷର ସର୍ବସମ୍ପୂର୍ଣ୍ଣ ଗୁଣ ଅଚଳ ହୋଇପଡେ। ଏଥିପାଇଁ କଣ ଭଗବାନ ଦାୟୀ ନା ନିଜେ ଦାୟୀ ଏହା ସମୟ ହିଁ କହିପାରେ। ମାନବ ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବ ହୋଇଥିଲେ ମଧ୍ୟ ସେ ସର୍ବଦା ଅନ୍ୟର ସହାୟତା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆଶା କରିଥାଏ। ଏବଂ ସେ ଆତ୍ମ ନିର୍ଭରଶୀଳ ହେବା ପାଇଁ ସମୟ ସାପେକ୍ଷ ପରି ମନେହୁଏ। ଯଥାର୍ଥରେ କୁହାଯାଇପାରେ ସନ୍ତାନଟିଏ ଜନ୍ମ ପରେ ସ୍ନେହମୟୀ ମାଆର ବାତ୍ସଲ୍ୟ ପ୍ରେମ ଠାରୁ ଆରମ୍ଭ କରି ବୃଦ୍ଧ ସମୟରେ ସ୍ତ୍ରୀ/ସ୍ୱାମୀ, ପୁତ୍ର ଓ କନ୍ୟା ସନ୍ତାନ ତଥା କୁଟୁମ୍ବାଦୀ ସଂପର୍କୀୟ ମାନଙ୍କର ସ୍ନେହ ଆଦରର ଆଶ୍ରିତ ହୋଇଥାନ୍ତି। ପୁରୁଷ ସମାଜ ଅପେକ୍ଷା ନାରୀ ସମାଜ ଆଜିକାଲିର ପୁରୁଷ ପ୍ରଧାନ ସମାଜରେ ପ୍ରାୟତଃ ଅନ୍ୟର ଆଶ୍ରାରେ ଆଶ୍ରିତ ହେବାର ପରିଲକ୍ଷିତ ହୁଏ। ତେଣୁ କବିଙ୍କ ଲେଖନିରୁ ସ୍ୱତଃ ପ୍ରକୃତ ଭାବେ କିଛି ଶବ୍ଦ ସଂଯୋଜନା ନିଶ୍ଚିତ ହୋଇଛି ଯେ 'ବିନା ଆଶ୍ରେ ନ ବର୍ତ୍ତନ୍ତି କବିତା ବନିତା ଲତା'। ଅର୍ଥାତ କବି ବିନା କବିତା, ସ୍ୱାମୀ ବିନା ବନିତା, ବାଡିର ଆଶ୍ରା ବିନା ଲତା : ଏମାନଙ୍କ ଜୀବନର ପୂର୍ଣ୍ଣତା ଅସମ୍ଭବ ପରି ମନେହୁଏ।

ଯେତେବେଳେ ନବଦମ୍ପତିଙ୍କ ସୁସମ୍ପର୍କରୁ ଜନ୍ମିତ ହୁଏ ସନ୍ତାନ। ସମୟ କ୍ରମେ ପୁଅ ଅବା ଝିଅ ବାଲ୍ୟାବସ୍ଥାରୁ ଅତିକ୍ରମ କରି ଯୁବା ଅବସ୍ଥାରେ ଅବୀର୍ଣ୍ଣ ହୋଇଥାନ୍ତି। ବିଦ୍ୟାଳୟର ଅଧ୍ୟୟନ ଶେଷକରି ମହାବିଦ୍ୟାଳୟର ଶିକ୍ଷା ସମାପ୍ତ ସହ ରୋଜଗାର କ୍ଷମ ହେବା ପାଇଁ ଚେଷ୍ଟା କରିଥାନ୍ତି। ଯଦି ସନ୍ତାନର କର୍ମମୟ ଜୀବନର ଭବିଷ୍ୟତ କାର୍ଯ୍ୟପନ୍ଥା ଭଗବାନଙ୍କ ଆଶିର୍ବାଦରୁ ସରଳ ରେଖା ତୁଲ୍ୟ ହୋଇଥିବ ତେବେ ତା'ର କର୍ମମୟ ଜୀବନ



ସୁଖ ଶାନ୍ତିରେ କଟିବାର ଅଭାସ ବାରିହୋଇପଡେ। କିନ୍ତୁ ସନ୍ତାନ ସୁମାର୍ଗ ଛାଡି କୁମାର୍ଗରେ ପରିଚାଳିତ ହେଲେ ତାର ଭବିଷ୍ୟତ ଜୀବନ ତିମିରାଚ୍ଛନ ହୋଇପଡେ। ତେଣୁ ତାର ନିଜର ଭବିଷ୍ୟତ କର୍ମମୟ ଜୀବନ ମଧ୍ୟ ସୁଖ ପରିବର୍ତ୍ତେ ଦୁଃଖମୟ ହୋଇପଡେ। ଏବଂ ଭଗବାନଙ୍କ ଚରଣାଶ୍ରିତ ହେବା ପାଇଁ ଚେଷ୍ଟା କଲେ ମଧ୍ୟ ଅତୀତର କିଛି କୃତକର୍ମ ପାଇଁ ସେ ବୁଦ୍ଧିବଣା ହୋଇପଡେ। ତାର ଚଳଚଞ୍ଚଳ ପ୍ରକୃତି ଅଚଳ ହୋଇପଡେ। ତେଣୁ ମାନବର ଭବିଷ୍ୟତ କର୍ମପନ୍ଥା ସଦାସର୍ବଦା ସୁଚିନ୍ତିତ, ସୁକର୍ମ ବିଦିତ, ପରୋପକାରୀ, ସଂସାରୋପଯୋଗୀ ତଥା ସାଫଲ୍ୟ ମଣ୍ଡିତ ଜୀବନର ଲକ୍ଷ୍ୟ ହେବା ଆବଶ୍ୟକ।

*କଳା ଶିକ୍ଷକ,*
*ବକ୍ସି ଜଗବନ୍ଧୁ ଇଂରାଜୀ ମଧ୍ୟମ ବିଦ୍ୟାଳୟ-୨*
*ସତ୍ୟଭାମାପୁର, ଭୁବନେଶ୍ୱର*

# 'ରୁଦ୍ଧ କୋଠରୀ ଅଧିକ ମାରାତ୍ମକ'



**ଭୁବନେଶ୍ୱର :** ମେ ପହିଲାରୁ ରାଜ୍ୟରେ ହେବ ତୃତୀୟ ପର୍ଯ୍ୟାୟ ଟିକାକରଣ। ଏଥିନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତୃତୀୟ ପର୍ଯ୍ୟାୟରେ ୧୮ରୁ ୪୫ବର୍ଷ ବୟସର ବ୍ୟକ୍ତିମାନଙ୍କୁ ଟିକା ଦିଆଯିବ। ରାଜ୍ୟରେ ୪୨ ପ୍ରତିଶତ ଏହି ବୟସ୍କ ଲୋକ ଥିବାରୁ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍‌ଓପି ଅଣାଯିବ। ଟିକାକରଣ ପାଇଁ ଅନଲାଇନ୍ ଓ ସ୍ପଟ୍ ପଂଜୀକରଣ କରାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ରାଜ୍ୟରେ ଏବେ ୨ ଲକ୍ଷ ୬୦ ହଜାର କୋଭିସିଲଡ୍ ଓ ୧ ଲକ୍ଷ ୯୦ ହଜାର କୋଭାକ୍ସିନ୍ ରହିଛି। ରାଜ୍ୟରେ ଏବେ ଟିକାକରଣ ଚାଲିଥିଲେ ମଧ୍ୟ ୨ ଦିନ ମଧ୍ୟରେ ଟିକା ସରିଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଗତକାଲି ରାଜ୍ୟର ୮୮୯ କେନ୍ଦ୍ରରେ ଟିକାକରଣ ଚାଲିଥିଲା। ଆଜି ୭୫୦ କେନ୍ଦ୍ରରେ ଟିକାକରଣ ଚାଲିଛି। ଏଯାଏ ସମୁଦାୟ-୫୩ ଲକ୍ଷ ୫୯ ହଜାର ୭୯୪ ଜଣଙ୍କୁ ଟିକାକରଣ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ମତ ଦେଇଛନ୍ତି ଯେ, ଦ୍ୱିତୀୟ ଲହର ସଂକ୍ରମଣ କ୍ଷମତା ବହୁତ ବେଶି। ବର୍ତ୍ତମାନ ଏହା ୪୦ ପ୍ରତିଶତ ବାୟୁ ଦ୍ୱାରା ବ୍ୟାପୁଛି ବୋଲି ଜଣାପଡ଼ିଛି। ରୁଦ୍ଧ ଦ୍ୱାର କୋଠରୀରେ ରହିଲେ ବେଶି ସଂକ୍ରମଣ ହେବ। ତେଣୁ ବେଶି ଗହଳି କରିବା ଉଚିତ ନୁହେଁ। ସଭାସମିତିରେ ବେଶି ସମୟ ରହିବା ଉଚିତ ନୁହେଁ। ଗତଥର ପିକ୍ ଆସିବାକୁ ୬ ମାସ ଲାଗିଗଲା। ଏଥର କିନ୍ତୁ ମାତ୍ର ଦେଢ ମାସରେ ସଂକ୍ରମଣ ବହୁତ ବ୍ୟାପି ଗଲାଣି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଇସିଆର୍‌ଏମ୍ ପକ୍ଷରୁ ହୋଇଥିବା ଷ୍ଟଡି ଅନୁଯାୟୀ, କୋଭାକ୍ସିନ ଟିକା ୟୁକେ ଷ୍ଟ୍ରେନ, ସାଉଥ ଆଫ୍ରିକା ଷ୍ଟ୍ରେନ, ମ୍ୟୁଟେଣ୍ଟ ଷ୍ଟ୍ରେନ ସଂକ୍ରମଣରୁ ରକ୍ଷା କରିପାରିବ। ତେଣୁ କୋଭିସିଲଡ୍ ଅପେକ୍ଷା ଏହା ଅଧିକ ଫଳପ୍ରଦ ବୋଲି ବିଜୟ ପାଣିଗ୍ରାହୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ କରୋନା ଯୋଦ୍ଧାଙ୍କୁ ଟିକାକରଣ କରାଗଲା। ଦ୍ୱିତୀୟ ପର୍ଯ୍ୟାୟରେ ୬୦ ରୁ ଉର୍ଦ୍ଧ୍ୱ, ୪୫ରୁ ଅଧିକ ସମସ୍ତଙ୍କୁ ଦିଆଗଲା। ତୃତୀୟ ପର୍ଯ୍ୟାୟରେ ୧୮ରୁ ଅଧିକ ସମସ୍ତଙ୍କୁ ଟିକା ଦିଆଯିବ। ମେ' ୧ରୁ କମ୍ପାନୀମାନଙ୍କ ପକ୍ଷରୁ ୫୦ ପ୍ରତିଶତ ଟିକା କେନ୍ଦ୍ର ସରକାରଙ୍କୁ ଓ ଅନ୍ୟ ୫୦ ପ୍ରତିଶତ ରାଜ୍ୟ ସରକାର ଓ ଘରୋଇ ହସ୍ପିଟାଲକୁ ଦିଆଯିବ ବୋଲି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସୁଥିବା ଟିକା ଦ୍ୱାରା ୪୫ ବର୍ଷରୁ ଅଧିକ ଲୋକଙ୍କୁ ଟିକାକରଣ ଚାଲିବ। ଏହାବ୍ୟତୀତ ରାଜ୍ୟ ସରକାର ଓ ଘରୋଇ ହସ୍ପିଟାଲ ପକ୍ଷରୁ ଆସୁଥିବା ଟିକାକୁ ୧୮ ବର୍ଷରୁ ଅଧିକଙ୍କୁ ଟିକାକରଣ କରାଯିବ। ଏଥିନିମନ୍ତେ ଏସ୍‌ଓପି ପ୍ରସ୍ତୁତ କରାଯିବ। ଆଉ କିଛି କେନ୍ଦ୍ର ବଢ଼ାଇବାକୁ ପଡ଼ିବ। ବର୍ତ୍ତମାନ ୧୫ଶହ କେନ୍ଦ୍ରରେ ଟିକାକରଣ ଚାଲିଛି ବୋଲି କହିଛନ୍ତି ବିଜୟ ପାଣିଗ୍ରାହୀ। ଟିକାକରଣ ନିମନ୍ତେ କୋଭିନ ପୋର୍ଟଲ ପ୍ଲାଟଫର୍ମରେ ସମସ୍ତଙ୍କ ରେଜିଷ୍ଟ୍ରେସନ ହେବ। ଅନଲାଇନ୍‌ରେ ତଥା ସ୍ପଟ ରେଜିଷ୍ଟ୍ରେସନ ହେବ। କୋଭିସିଲ୍ଡ ରେଟ ଧାର୍ଯ୍ୟ ହୋଇଛି। ହେଲେ କୋଭାକ୍ସିନ ରେଟ ଧାର୍ଯ୍ୟ ହୋଇନି। ୧ ତାରିଖରୁ ଘରୋଇ ହସ୍ପିଟାଲ ସିଧାସଳଖ କମ୍ପାନୀଠାରୁ ଟିକା ଆଣି ଲୋକଙ୍କୁ ଦେବେ।

# କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପକୁ ଅନୁମୋଦନ



**ଭୁବନେଶ୍ୱର :** ଜାତୀୟ ରାଜପଥ-୧୬ ସହିତ ସମାନ୍ତରାଳ ଭାବେ ପ୍ରତିଷ୍ଠା ହେବାକୁ ଯାଉଥିବା ୧୧୧.୨ କିଲୋମିଟର ଦୈର୍ଘ୍ୟର କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ (ସିଆରଆରଆର)କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି ସମାନ୍ତରାଳ ରିଙ୍ଗରୋଡ୍ ଖୋରଧା ବାଇପାସ୍ -ଭୁବନେଶ୍ୱର -ଆଠଗଡ ସହର –କଟକ ସହରାଞ୍ଚଳକୁ ସଂଯୋଗ କରିବ। ଜାତୀୟ ରାଜପଥ-୧୬ର ରାମେଶ୍ୱର ନିକଟରୁ ଏହି ରିଙ୍ଗ ରୋଡ୍ ବାହାରି ଜାତୀୟ ରାଜପଥ-୫୫ର ଗୋବିନ୍ଦପୁର ବାଟ ଦେଇ ଟାଙ୍ଗି ନିକଟରେ ପୁନର୍ବାର ଜାତୀୟ ରାଜପଥ-୧୬କୁ ସ୍ପର୍ଶ କରିବ। କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍‌ଟି ମୁଖ୍ୟତଃ ୬ଲେନ୍ ବିଶିଷ୍ଟ ହେବ ଏବଂ ମହାନଦୀ ଉପରେ ମଧ୍ୟ ୬ଲେନ୍‌ର ସେତୁ ନିର୍ମାଣ କରାଯିବ। ଏହି ସମସ୍ତ ନିର୍ମାଣ କାର୍ଯ୍ୟ ନୂତନ ଭାବେ କରାଯିବା ସହିତ ଜମି ଅଧିଗ୍ରହଣ ସମୟରେ ଅତି କମ୍ ପରିମାଣରେ ଜଙ୍ଗଲ, ସବୁଜ ବଳୟ ଏବଂ ଗ୍ରାମଗୁଡ଼ିକୁ ପ୍ରଭାବିତ କରିବ। ଏହା ରିଙ୍ଗ ରୋଡ୍ ଦ୍ୱାରା ଜାତୀୟ ରାଜପଥ-୧୬ ଉପରୁ ବହୁ ପରିମାଣରେ ଟ୍ରାଫିକ ଭିଡ ହ୍ରାସ ପାଇବ। ରାଜଧାନୀ ଓ ଏହାର ଆଖପାଖ ଇଲାକାର ସାମାଜିକ ଓ ଆର୍ଥିକ ବିକାଶରେ ଏହି ରିଙ୍ଗରୋଡ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥି ସହିତ ସମ୍ପୃକ୍ତ ଅଞ୍ଚଳରେ ମଧ୍ୟ ଏହା ବ୍ୟବସାୟିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ। ରିଙ୍ଗ ରୋଡ୍ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସକାଶେ ରାଜ୍ୟ ସରକାର ବଜେଟରେ ୬୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରିଥିବାବେଳେ ଅଢେଇ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

# ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ବେଡ୍ ଅଛି

**ଭୁବନେଶ୍ୱର :** ରାଜ୍ୟରେ କରୋନା କୋପ ଲାଗି ରହିଥିବା ବେଳେ ଭୟଭୀତ ଅବସ୍ଥାରେ ଅଛନ୍ତି ରାଜ୍ୟବାସୀ। ଏପରି ସମୟରେ ରାଜ୍ୟରୁ ଦୈନିକ ୬ ହଜାର ଉପରେ ପଜିଟିଭ ଚିହ୍ନଟ ହେଉଛନ୍ତି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟବାସୀ ଭୟଭୀତ ନ ହେବା ସହ ଆକ୍ରାନ୍ତଙ୍କ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ କୋଭିଡ୍ ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ବେଡ୍ ଉପଲବ୍ଧ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ଘରୋଇ ହସ୍ପିଟାଲରେ ମୋଟ ୪, ୮୪୭ ଜେନେରାଲ ବେଡ୍ ରହିଥିବା ବେଳେ ଆଇସିୟୁ ବେଡ୍ ୧୭୧୩ ଏବଂ ୫୯୮ ଭେଣ୍ଟିଲେଟର ଉପଲବ୍ଧ ରହିଛି। ସେହିଭଳି ବିଭିନ୍ନ ସରକାରୀ ହସ୍ପିଟାଲରେ ୪, ୧୭୪ ବେଡ୍ ରହିଥିବା ବେଳେ ଆଇସିୟୁ ୬, ୮୪ ରହିଛି। ୫୯୮ଟି ଭେଣ୍ଟିଲେଟର ରହିଛି।

# କୋଭିଡ୍ ପାଇଁ ଘରୋଇ ହସ୍ପିଟାଲରେ ୫୦% ବେଡ୍ ସଂରକ୍ଷିତ



**ଭୁବନେଶ୍ୱର :** ଓଡ଼ିଶାରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନର ମାନଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠିରେ ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି ଯେ, ଏଣିକି କୋଭିଡ୍ ପାଇଁ ଘରୋଇ ହସ୍ପିଟାଲରେ ୫୦% ବେଡ୍ ସଂରକ୍ଷିତ ରହିବ। ତେବେ ୩୦ରୁ ଅଧିକ ବେଡ ଥିବା ହସ୍ପିଟାଲରେ ଏହି ନିୟମ ଲାଗୁ କରାଯିବ। ସେହିପରି ଘରୋଇ ହସ୍ପିଟାଲ ଗୁଡିକରେ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ୫୦ ଆଇସିୟୁ/ଏଚଡିୟୁ ସଂରକ୍ଷିତ ରହିବ। ଯଦି ଆବଶ୍ୟକ ପଡେ ତେବେ ହସ୍ପିଟାଲରେ ୧୦୦ ପ୍ରତିଶତ ବେଡକୁ ମଧ ସଂରକ୍ଷିତ ରଖାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହିତ କୋଭିଡ୍ ଚିକିତ୍ସା ପାଇଁ ବି ସରକାର ଫି' ନିର୍ଦ୍ଧାରଣ କରିଛନ୍ତି। ଘରୋଇ ହସ୍ପିଟାଲରେ କୋଭିଡ୍ ରୋଗୀଙ୍କ ପାଇଁ ଦେୟ ଜେନେରାଲ ବେଡ ପାଇଁ ଦୈନିକ ୧୨ଶହ ଟଙ୍କା, ଖାଦ୍ୟ ଓ ଔଷଧ ପାଇଁ ୧୭୫୦ ଟଙ୍କା ରହିଛି। ସେହିପରି ଆଇସିୟୁରେ ରହିଲେ ଦୈନିକ ୨୦୦୦ ରୁ ୫୦୦୦ ଟଙ୍କା ମଧ୍ୟରେ ଦେୟ ଦେବାକୁ ପଡିବ। ଆଇସିୟୁରେ ଦୈନିକ ଔଷଧ ଓ ଆନୁସଙ୍ଗିକ ଖର୍ଚ୍ଚ ସର୍ବମୋଟ ୮ ହଜାର ଓ ୧୨ ହଜାର ରହିଥିବା ବେଳେ ଭେଣ୍ଟିଲେଟର ସହ ଆଇସିୟୁରେ ରହିଲେ ଦିନକୁ ୨ ହଜାର ଟଙ୍କାରୁ ୫ ହଜାର ଟଙ୍କା ମଧ୍ୟରେ ଦେୟ ଦେବାକୁ ପଡିବ ଓ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚ ୧୦,୦୦୦ ରୁ ୧୫,୦୦୦ ହେବ।





CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in


## +୨ ପରୀକ୍ଷା ବାତିଲ ପ୍ରସଙ୍ଗ

# ଜୁନ୍‌ରେ ସ୍ଥିତି ଦେଖି ନିଷ୍ପତ୍ତି : ମନ୍ତ୍ରୀ



**ଭୁବନେଶ୍ୱର,୨୨।୪:** ଉପରମୁହାଁ କରୋନା ଗ୍ରାଫ୍‌କୁ ଦେଖି କିଛି ଦିନ ପୂର୍ବେ ମାଟ୍ରିକ ପରୀକ୍ଷାକୁ ବାତିଲ କରି ଦିଆଯାଇଥିବା ବେଳେ ଏବେ ଯୁକ୍ତ ୨ ପରୀକ୍ଷା ବାତିଲ ଦାବି କରିଛନ୍ତି ଛାତ୍ରଛାତ୍ରୀ। ପରୀକ୍ଷା ବାତିଲ ଦାବିରେ ଭୁବନେଶ୍ୱର ଲୋୟର ପିଏମଜିରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଚଳାଇଥିଲେ ଛାତ୍ରଛାତ୍ରୀ। ହେଲେ ପିଲାମାନେ ଏବେ ପାଠପାରେ ମନୋନିବେଶ କରନ୍ତୁ। ଜୁନ୍‌ରେ ସ୍ଥିତି ଦେଖି ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସଫା ସଫା କହିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ସମୀର ଦାସ। ମନ୍ତ୍ରୀ କହିଛନ୍ତି, ମାଟ୍ରିକ ପରୀକ୍ଷା ବନ୍ଦ ହେଉ ବୋଲି କାହାର ଇଚ୍ଛା ନ ଥିଲା। ପରୀକ୍ଷା କରାଇବା ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ହେଲେ ଦୁର୍ଭାଗ୍ୟବଶତଃ ହୋଇପାରି ନ ଥିଲା। କିନ୍ତୁ ଯୁକ୍ତ ୨ ପିଲା ପାଠ ପାରେ ମନୋନିବେଶ କରନ୍ତୁ। ସେତେବେଳେ ବାତାବରଣ ଠିକ୍ ହେଲେ ପରୀକ୍ଷା ହେବା ସ୍ୱାଭାବିକ। ତେଣୁ ଜୁନ୍ ପର୍ଯ୍ୟନ୍ତ ସେମାନେ ପାଠ ପିବା ଦରକାର। ତାଙ୍କ ପାଠ ତାଙ୍କ ନିକଟରେ ରହିବ। କେହି ନେଇ ଯିବେ ନାହିଁ। ଜୁନ୍ ପ୍ରଥମ ସପ୍ତାହରେ ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ। ବିଭାଗ ପକ୍ଷରୁ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ। ଏହାବ୍ୟତୀତ ଯୁକ୍ତ ୨ ଛାତ୍ରଛାତ୍ରୀ ଦଶମ ଛାତ୍ରଛାତ୍ରୀଙ୍କଠାରୁ ବୟସରେ ବଡ଼। ତେଣୁ ସେମାନେ ପରୀକ୍ଷା ବାତିଲ ଦାବି ନ କରି ପାଠପାରେ ମନୋନିବେଶ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କରୋନାର କୋପ ଦେଖି ଆସନ୍ତା ମାସ ୩ ତାରିଖରେ ହେବାକୁ ଥିବା ଦଶମ ଶ୍ରେଣୀ ପରୀକ୍ଷାକୁ ବାତିଲ କରାଗଲା ବୋଲି ଗତ ୨୧ ତାରିଖରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଘୋଷଣା କରିଥିଲେ। ଏହାବ୍ୟତୀତ ଗ୍ରେଡେସନ ବା ମାର୍କ କିପରି ହେବ ତାହା ବୋର୍ଡ ନିର୍ଦ୍ଧାରିତ କରିବ ବୋଲି କହିଥିଲେ। ଏହାବ୍ୟତୀତ, ଓଡ଼ିଶା ରାଜ୍ୟ ମାଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକୁ ମଧ୍ୟ ବାତିଲ କରି ଦିଆଯାଇଛି।

## ବକ୍ରବାଣୀ



କରୋନା ହାଉଆ ବହୁଚି ଏବେ
ବଞ୍ଚି ରହିବାକୁ ଭାବୁଚ ଯେବେ
ଘରୁ ବାହାରିଲେ ମାସ୍କ ଲଗାଅ
ଗହଳି ଜାଗାକୁ ବେଶୀ ନ ଯାଅ
ସାନିଟାଇଜର ପାଖେ ରଖିଥା
ମଝିରେ ମଝିରେ ହାତ ଧୋଉଥା
କରୋନାକୁ ହେୟ ମଣନି ଭାଇ
କେତେବେଳେ ପ୍ରାଣ ଯିବଟି ନେଇ
କଳିଯୁଗ ଶେଷ କରିବା ପାଇ
କରୋନା ସତେକି ଆଇଚି ଧାଇଁ।

——— ଟୁଟୁ

# ନନ୍ଦିନୀ ସେନସର ବୋର୍ଡ଼ର ସଦସ୍ୟା ମନୋନୀତ



**ଭୁବନେଶ୍ୱର :** ବିଜେପି ନେତ୍ରୀ, ସମାଜସେବୀ, କଣ୍ଠଶିଳ୍ପୀ ତଥା କବି ନନ୍ଦିନୀ ଶତପଥୀଙ୍କୁ କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ (ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଟ୍)ର ଉପଦେଷ୍ଟା ମଣ୍ଡଳୀର ସଦସ୍ୟା ଭାବେ ମନୋନୀତ କରାଯାଇଛି। ଏହି ନିଯୁକ୍ତି ପରେ ତାଙ୍କ ଜନ୍ମମାଟି ସାଲେପୁରର ବହୁ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ଆଧାର କରି କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ, କଟକ ଆଞ୍ଚଳିକ ଅଧିକାରୀ ଗୋପାଳକୃଷ୍ଣ ମହାପାତ୍ର ଶ୍ରୀମତୀ ଶତପଥୀଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି। ଶ୍ରୀମତୀ ଶତପଥୀ ଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ସେନସର ବୋର୍ଡର ସଦସ୍ୟା ଭାବେ ମନୋନୀତ ହେବା ପରେ ଶ୍ରୀମତୀ ଶତପଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିଜେପି ରାଜ୍ୟ ସମ୍ପାଦକ ମାନସ ମହାନ୍ତିଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି